## ନିଜ ସରକାର ଶାସନକୁ ଚ୍ୟାଲେଞ୍ଜ କଲେ ବିଜେପି ନେତା

# ‘ଏଠି ତାନା ସାହି ଶାସନ ଚଳିବ ନାହିଁ’

### ହୀରାକୁଦର ଉଚ୍ଛେଦକୁ ପ୍ରତିବାଦ

**ସମ୍ବଲପୁର, ୨୧।୩(ସମିସ)**

ରାଜ୍ୟରେ ବିଜେପି ସରକାର କ୍ଷମତାରେ ଆସିବାର ପ୍ରାୟ ୮ ମାସ ବିତିଯାଇଛି। ହେଲେ ରାଜ୍ୟରେ ବିଜେପି ସରକାରର ଶାସନକୁ ଖୋଦ ସମ୍ବଲପୁରର ଦୁଇ ନେତା ଚ୍ୟାଲେଞ୍ଜ କରିଛନ୍ତି। ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସରକାରଙ୍କ ବିରୋଧରେ ବିଷ ଓଗାଳୁଥିବା ବେଳେ ଆଉ ଜଣେ ବିଜେପି ଜିଲ୍ଲା ସଭାପତି ସରକାର ନିର୍ଦ୍ଦେଶରେ ହେଉଥିବା କାମକୁ ବିରୋଧ କରି ଗୁଣ୍ଡାଗର୍ଦ୍ଦି କରୁଛନ୍ତି। ତେଣୁ ବିଜେପି ସରକାର ନିଷ୍ପତ୍ତିକୁ ଖୋଦ୍ ଦଳୀୟ ନେତା ମାନେ ବିରୋଧ କରିବା ଭଳି ଘଟଣା ସମ୍ବଲପୁର ଜିଲ୍ଲାରେ ସବୁଠି ଚର୍ଚ୍ଚାର ବିଷୟ ସାଜିଛି।ସୂଚନା ଅନୁସାରେ ହୀରାକୁଦ ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ ହେବାପାଇଁ ଜବର ଦଖଲ ଉଚ୍ଛେଦ କରାଯାଉଛି। ଏହି ଉଚ୍ଛେଦକୁ ବିରୋଧ କରି ଗୁରୁବାର ହୀରାକୁଦରେ ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ ଜବରଦଖଲକୁ ବିରୋଧ କରି ଆନ୍ଦୋଳନ କରିଥିଲେ ବିଜେପି ସରକାର ବିରୁଦ୍ଧରେ ଖୋଦ୍ ସୀମା ମିଶି ନାରାବାଜି କରିଥିଲେ। ସେ କହିଥିଲେ, ଏଠି ତାନା ସାହି, ରାଜାରାଜୁଡ଼ି, ଆକବର ବୀରବଲ ଶାସନ ଚାଲିବ ନାହିଁ।୧୦୦ ଫୁଟ ରାସ୍ତା ଜାତୀୟ ରାଜପଥରେ ନାହିଁ।ଏଠି କଣ ଆବ୍ୟଶକ ରହିଛି।ନିଜ ସରକାର ଥିଲେ ମଧ୍ୟ ଆନ୍ଦୋଳନ କରିବାକୁ ରାଜରାସ୍ତାକୁ ଓହ୍ଲାଇଥିବା ଘଟଣା ବେଶ ଚର୍ଚ୍ଚାର ବିଷୟ ସାଜିଛି।ଜବରଦଖଲ ପୂର୍ବରୁ ଉପଯୁକ୍ତ ଥଇଥାନ ନ କଲେ ଆଗକୁ ଆନ୍ଦୋଳନ ହେବ ବୋଲି ଖୋଦ ରାଜ୍ୟସାଧାରଣ ସମ୍ପାଦକ ସରକାରଙ୍କ ଚ୍ୟାଲେଞ୍ଜ କରିଛନ୍ତି। ସେପଟେ ଗତକାଲି ସରକାରଙ୍କ ନିୟମ ଅନୁସାରେ କାର୍ଯ୍ୟକରୁଥିବା ଅଧିକାରୀମାନଙ୍କୁ ସମ୍ବଲପୁର ଜିଲ୍ଲା ସଭାପତି ଠେଲାପେଲା କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଓ ନିୟମ ଅନୁପାଳନ କରି ଅଧିକାରୀ ମାନେ କାମ କରୁଛନ୍ତି। ଟିକସ ଆଦାୟ କରିବା, ଜବରଦଖଲ ଉଚ୍ଛେଦ କରିବା ଭଳି ସରକାରୀ କାର୍ଯ୍ୟରେ ବିଜେପିର ଏହି ଦୁଇ ନେତା ବାଧା ସୃଷ୍ଟି କରୁଛନ୍ତି। ନିଜ ଦଳ ପରିଚାଳିତ ସରକାରରେ ଦୁଇ ନେତାଙ୍କ ଏଭଳି କାର୍ଯ୍ୟପନ୍ଥା ସହରରେ ଆଲୋଚନା ଓ ସମାଲୋଚନା କରାଯାଉଛି। କେଉଁ ନେତାଙ୍କ ଦମ୍ଭରେ ଏହି ଦୁଇ ନେତା ବଳୀୟାନ ହେଉଛନ୍ତି ବୋଲି ମଧ୍ୟ ଲୋକେ କହୁଛନ୍ତି। ଗତକାଲି ମହାନଗର ନିଗମ ସହରର ବୈଦନାଥ ଛକରେ ଥିବା ଏକ ଚା ଦୋକାନର ବକେୟା ଭଡ଼ା ନ ଦେବାରୁ ମହାନଗର ନିଗମ ସିଲ କରିଦେଇଥିଲା।ଏହାକୁ ନେଇ ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲ ବିରୋଧ କରିଥିଲେ। ନେତା ଓ ସମର୍ଥକ ମିଶି ଅଧିକାରୀ ଓ କର୍ମଚାରୀଙ୍କୁ ଠେଲାପେଲା କରିଥିଲେ।ପ୍ରାୟ ଏକ ଘଣ୍ଟା ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ମହାନଗର ନିଗମ ଅଫିସର ଜଣେ ଓଏଏସ ଅଧିକାରୀ ମଧ୍ୟ ଉପସ୍ଥିତ ରହିଥିଲେ।ଏସ୍‌ଏମସି କମିଶନର ବେଦ ଭୂଷଣ କହିଛନ୍ତି ଯେ, ଗୁରୁବାର ଘଟଣାରେ ଦୋକାନ ସିଲ୍ କରିବା ପରେ ଉତ୍ତେଜନା ହୋଇଥିଲା।ଅଧିକାରୀ ଓ କର୍ମଚାରୀ ମାନଙ୍କ ସହିତ ଯାହା ହୋଇଛି ଅଶୋଭନୀୟ ଅଟେ। କେଉଁମାନଙ୍କ ସମ୍ପୃକ୍ତି ରହିଛି ପ୍ରମାଣ ସଂଗ୍ରହ କରାଯାଉଛି। ଏହା ପରେ ଥାନାରେ ଲିଖିତ ଭାବେ ନାମ ଗୁଡ଼ିକ ଉଲ୍ଲେଖ କରାଯାଇ ଅଭିଯୋଗ କରାଯିବ ବୋଲି କହିଥିଲେ।

## ଫ୍ୟାଶନ ଅପ୍ ମଲ୍ ଦେଢ଼ମାସ ପରେ ପୁଣି ସିଲ୍

**ସମ୍ବଲପୁର, ୨୧।୩(ସମିସ):** ଦେଢ ମାସ ବ୍ୟବଧାନ ପରେ ପୁଣି ସ୍ଥାନୀୟ ଲକ୍ଷ୍ମୀଟକିଜ ସ୍ଥିତ ଫ୍ୟାଶନ ଅପ ମଲକୁ ସିଲ କରାଯାଇଛି। ସମ୍ବଲପୁର ମହାନଗର ନିଗମ ପକ୍ଷରୁ ପାର୍କିଂ ସୁବଧା ମଲର ନିଜର ନଥିବାରୁ ସିଲ କରି ଦିଆଯାଇଛି। ପାର୍କିଂ ସୁବିଧା ନ ଥିବାରୁ ଗତ ଜାନୁଆରୀ ୨୯ ତାରିଖରେ ମଲକୁ ୧୦ ଦିନ ପାଇଁ ସିଲ କରାଯାଇଥିଲା। ପରେ ସର୍ତ୍ତ ମୂଳକ ଭାବେ ୨ଦିନ ପରେ ମଲଟି ଖୋଲିଥିଲା। ନିଜର ବ୍ୟବସ୍ଥିତ ପାର୍କିଂ ସୁବିଧା କରିବା ନେଇ ମଲ କର୍ତ୍ତୃପକ୍ଷ ଲିଖିତ ଦେଇଥିଲେ। ହେଲେ ପାର୍କିଂ ସବୁଧା ଉପଲବ୍ଧ ନଥିବାରୁ ଆଜି ମଲକୁ ଏସଏମସି କମିଶନର ବେଦଭୂଷଣଙ୍କ ଉପସ୍ଥିତିରେ ସିଲ କରାଯାଇଛି। ସୂଚନାଯୋଗ୍ୟ, ସହରରେ ଥିବା ସମସ୍ତ ମଲ ଗୁଡ଼ିକର ନିଜର ପାର୍କିଂ ରହିବା ଜରୁରୀ ବୋଲି ଗତ କିଛି ମାସ ପୂର୍ବରୁ ଏସଏମସି ପକ୍ଷରୁ ନୋଟିସ କରାଯାଇଥିଲା। ବିଭିନ୍ନ ମଲ ତଥା ବଡ଼ ଦୋକନର ପାର୍କିଂ ସୁବିଧା ରହିନାହିଁ। ତେଣୁ ଗ୍ରାହକମାନେ ବାଧରେ ରାସ୍ତା ଉପରେ ଗାଡି ରଖିଥାନ୍ତି। ଅନେକ ସମୟରେ ଜାମ ପରିସ୍ଥିତି ଲାଗି ରହିଥାଏ। ଏହି ପରିପ୍ରେକ୍ଷୀରେ ନୂତନ ବିଲ୍ଡିଂ ଗୁଡ଼ିକରେ ପାର୍କିଂ ସୁବିଧା କରିବାକୁ ଏସଏମସି ପକ୍ଷରୁ କୁହାଯାଇଥିଲା। କେତେକ ପାର୍କିଂ ବ୍ୟବସ୍ଥା କରିଥିବା ବେଳେ ଅନେକ କରିନଥିଲେ।ଫଳରେ ଏନଫୋର୍ସମେଣ୍ଟ ପକ୍ଷରୁ ଚଢ଼ଉ କରି ସିଲ ମଧ୍ୟ କରାଯାଇଥିଲା। ଫ୍ୟାସନ ଅପକୁ ମଧ୍ୟ ୧୦ ଦିନ ପର୍ଯ୍ୟନ୍ତ ସିଲ କରାଯାଇଛି। ନିଜର ପାର୍କିଂ ସୁବିଧା ନ କରିଲେ ଆଗକୁ ସିଲ ଅବଧି ବଢ଼ିପାରେ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି।




## ଫାଟକ ଓଭରବ୍ରିଜ ରାସ୍ତା କଡ଼ରୁ ଉଚ୍ଛେଦ



**ସମ୍ବଲପୁର, ୨୧।୩ (ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ମୁଖ ରାସ୍ତାକୁ ମୁଖ୍ୟତଃ ଛାତ୍ରଛାତ୍ରୀମାନେ ବ୍ୟବହାର କରିଥାନ୍ତି। ଏହି ରାସ୍ତା କ୍ଷେତରାଜପୁର ରେଳଷ୍ଟେସନକୁ ମଧ୍ୟ ସଂଯୋଗ କରୁଛି। ରାସ୍ତାର ଭିଡ଼କୁ ହ୍ରାସ କରିବାପାଇଁ ଏକ ବିକଳ୍ପ ବ୍ୟବସ୍ଥା କରିବାକୁ ମହାନଗର ନିଗମ ପକ୍ଷରୁ ଗତ ଅକ୍ଟୋବରରେ ନିଷ୍ପତ୍ତି ନିଆଯାଇଥିଲା। ଫାଟକ ଓଭରବ୍ରିଜ ଅପରପାର୍ଶ୍ୱ ରାସ୍ତାକୁ ବ୍ୟବହାର କରାଯିବ। ମାଳିପଡ଼ାପଟୁ ଆସି ଯାନବାହାନ ଓଭରବ୍ରିଜ ଅନ୍ୟପଟ ଦେଇ ଚର୍ଚ୍ଚ ଛକରେ ପହଞ୍ଚିବ। ଏହି କ୍ରମରେ ଶୁକ୍ରବାର ସକାଳେ ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ ସାହୁ ଓ ଟିମ୍ ଫାଟକ ଓଭରବ୍ରିଜ କଡ଼ ରାସ୍ତାରେ ଉଠାଦୋକାନ ଆଦି ଉଚ୍ଛେଦ କରିଛନ୍ତି। ଏଠାରେ କିଛିଲୋକ କଂକ୍ରିଟ୍ ନିର୍ମାଣ କରିଥିବା ବେଳେ ତାହାକୁ ଭାଙ୍ଗିଦିଆଯାଇଛି। ଏହି ରାସ୍ତାରେ ବାଧକ ସାଜୁଥିବା ବିଦ୍ୟୁତ୍ ଖୁଣ୍ଟି ଗୁଡ଼ିକୁ କଡ଼କୁ ସ୍ଥାନାନ୍ତରିତ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲାଞ୍ଚ କାରବାର

# ଆଖି ଅପରେସନ ପାଇଁ ନେଉଛନ୍ତି ୫ ହଜାର

**ସମ୍ବଲପୁର, ୨୧।୩(ସମିସ):** ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଖି ଅପରେସନ କରିବାକୁ ହେଲେ ଦେବାକୁ ପଡୁଛି ୫ ହଜାର ଟଙ୍କା।ଅପରେସନରେ ଆଖି ପାଇଁ ଉତ୍ତମମାନର ଲେନ୍ସ ଲଗାଇବାକୁ ୫ ହଜାର ଟଙ୍କା ଦାବି କରୁଛନ୍ତି।ରୋଗୀ ସମ୍ପର୍କୀୟଙ୍କ ପାଖରୁ ଟଙ୍କା ମଧ୍ୟ ନେଉଛନ୍ତି।ଗତ ୧୪ ତାରିଖରେ ଉତରା ଅଞ୍ଚଳର ସତ୍ୟନାରାୟଣ ମିଶ୍ର(୫୯)ଙ୍କ ମୋତିଆବିନ୍ଦୁ ଅପରେସନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ।ସେଠାରେ ଭଲ ଲେନ୍ସ ଲଗାଇବା ପାଇଁ କର୍ତ୍ତୃପକ୍ଷ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ।ଏହି ଘଟଣାକୁ କେନ୍ଦ୍ର କରି ରୋଗୀଙ୍କ ସମ୍ପର୍କୀୟ ସୁଦିପ୍ତ କୁମାର ପଣ୍ଡା ଆଜି ଜିଲ୍ଲାପାଳ ଓ ସିଡିଏମ୍‌ଓଙ୍କୁ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ରୋଗୀ ସମ୍ପର୍କୀୟ ୧୪ ତାରିଖ ସତ୍ୟନାରାୟଣଙ୍କୁ ମୋତିଆବିନ୍ଦୁ ଅପରେସନ ପାଇଁ ଡିଏଚ୍‌ଏଚ୍ ନେଇଥିଲେ। ସେଠାରେ ଅପରେସନ କଲେ ବାହାରୁ ଲେନ୍ସ ଲଗାଇବାକୁ ୫ ହଜାର ଟଙ୍କା ପଡ଼ିବ ବୋଲି ଚକ୍ଷୁ ବିଭାଗର ସହାୟକ କହିଥିଲେ।ପରେ ସୁଦିପ୍ତ ଟଙ୍କା ମଧ୍ୟ ଦେଇଥିଲେ। ଅପରେସନ ପରେ ସେ ଦେଇଥିବା ଟଙ୍କାର ବିଲ ମାଗିଥିଲେ।କେଉଁ ଲେନ୍ସ ଲାଗିଲା କେଉଁଠୁ କିଣାଗଲା ସେ ବିଷୟରେ ଜାଣିବାକୁ ଚାହିଁଥିଲେ। ହେଲେ କର୍ତ୍ତୃପକ୍ଷ ବିଲ ଦେବାକୁ ମନା କରିଥିଲେ। ସରକାରୀ ଡାକ୍ତରଖାନାରେ କୌଣସି ବିଲ ଦିଆଯାଇ ପାରିବନି ବୋଲି ରୋକଠୋକ ମନା କରିଥିଲେ। ପରେ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସିଡିଏମଓ ଓ ଏଡିଏମ୍‌ଓଙ୍କ ପାଖରେ ଅଭିଯୋଗ ପହଞ୍ଚିବା ପରେ କର୍ତ୍ତୃପକ୍ଷ ଟଙ୍କା ଫେରାଇ ଦେଇଥିଲେ। ହେଲେ ସରକାରୀ ଡାକ୍ତରଖାନାରେ କିପରି ଟଙ୍କା ନିଆଯାଉଥିଲା ଚର୍ଚ୍ଚାର ବିଷୟ ସାଜିଛି। ଜିଲ୍ଲାପାଳଙ୍କ ମଧ୍ୟ ଏ ନେଇ ଅଭିଯୋଗ କରାଯାଇଛି। ଚକ୍ଷୁ ବିଭାଗରେ ଅପରେସନ ବେଳେ ଲାଞ୍ଚ ନେଉଥିବା ନେଇ ଅଭିଯୋଗ ହୋଇଛି। ଏନଇ ତଦନ୍ତ କରାଯିବ ବୋଲି ସିଡିଏମଓ କହିଛନ୍ତି। ସରକାରୀ ଡାକ୍ତରଖାନାରେ ଟଙ୍କା ନେବାର କୌଣସି ପ୍ରଶ୍ନ ଉଠୁନାହିଁ। ତେଣୁ ତଦନ୍ତ ପରେ ସଂଶ୍ଳିଷ୍ଟ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମ୍‌ଓ ସୁଜାତା ରାଣୀ ମିଶ୍ର କହିଛନ୍ତି।



## ନାରୀ ବନ୍ଦୀ ନିକେତନରେ ଅଘଟଣ

# ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କଲେ ଅନ୍ତେବାସୀ

**ସମ୍ବଲପୁର, ୨୧।୩(ସମିସ):** ସ୍ଥାନୀୟ ନାରୀ ବନ୍ଦୀ ନିକେତନର ଜଣେ ଅନ୍ତେବାସୀ ଧଳା ଫିନାଇଲ ପିଇ ଆତ୍ମହତ୍ୟ ଉଦ୍ୟମ କରିଛନ୍ତି।ହତ୍ୟା ଅଭିଯୋଗରେ ବିଚାରଧୀନ ଅବସ୍ଥାର ଥିବା ଅନ୍ତେବାସୀ ରଶ୍ମୀ ବେଗମ ଶୁକ୍ରବାର ସନ୍ଧ୍ୟାରେ ଫିନାଇଲ ପିଇଥିବା କହିଥିଲେ। ପରେ ତାଙ୍କୁ ଡିଏଚ୍‌ଏଚ ଆଣି ଚିକିତ୍ସା କରାଯାଇଥିଲା। ପରେ ଫିନାଇଲ ପିଇ ନଥିବା କହିଥିଲେ। ହେଲେ ସୁରକ୍ଷା ଦୃଷ୍ଟିରୁ ତାଙ୍କୁ ବୁର୍ଲା ପଠାଇ ଚିକିତ୍ସା କରାଯାଉଛି। ସୂଚନାଯୋଗ୍ୟ ୨ ବର୍ଷ ପୂର୍ବରୁ ହତ୍ୟା ମାମଲରେ ସେ ଜେଲରେ ବିଚାରଧିନ ଅବସ୍ଥାରେ ରହିଛନ୍ତି। ବାରମ୍ବାର ବେଲ ପାଇଁ ଆବେଦନ ପରେ ମିଳି ପାରୁନାହିଁ। ତେଣୁ ସେ ହତାଶ ହୋଇ ଏପରି କାର୍ଯ୍ୟ କରିଛନ୍ତି। ପୂର୍ବରୁ ଅନେକ ଥର ଜେଲ କର୍ମଚାରୀ ତଥା ଅନ୍ୟ ଅନ୍ତେବାସୀଙ୍କ ସହ ଝଗଡ଼ ଲାଗିଥାନ୍ତି। ଏପରି ନାଟକ ପ୍ରାୟ ସମୟରେ କରିଥାନ୍ତି ବୋଲି ଜେଲ ବନ୍ଦୀ ନିକେତନ କର୍ତ୍ତୃପକ୍ଷ କହିଛନ୍ତି।



## ସମ୍ବଲପୁର କେନ୍ଦୁପତ୍ର ସର୍କଲ ପକ୍ଷରୁ ବିଶ୍ୱ ବନ ଦିବସ

**ସମ୍ବଲପୁର, ୨୧।୩ (ସମିସ):** ସମ୍ବଲପୁର କେନ୍ଦୁପତ୍ର ସର୍କଲ ପକ୍ଷରୁ ଆରସିସିଏଫ୍ ସମ୍ମିଳନୀ କକ୍ଷରେ ଭାରପ୍ରାପ୍ତ ସିସିଏଫ୍ (କେନ୍ଦୁପତ୍ର) ସୁଦର୍ଶନ ବେହେରାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ସମ୍ବଲପୁର, ରେଢ଼ାଖୋଲ ଓ ଝାରସୁଗୁଡ଼ା କେନ୍ଦୁପତ୍ର ଡିଭିଜନ ଡିଏଫ୍‌ଓ, ସମ୍ବଲପୁର ଓ ଦେବଗଡ଼ ଡିଭିଜନ ଏସିଏଫ୍, ସମ୍ବଲପୁର ଓକେଏସଏସ ସମ୍ପାଦକ ଗୋକୁଳ ମେହେର, ପ୍ରକୃତିବନ୍ଧୁ ଉଦିତ ପାଟଯୋଶୀ ପ୍ରମୁଖ ଚଳିତ ବର୍ଷର ଥିମ୍ ‘ଜଙ୍ଗଲ ଓ ଖାଦ୍ୟ’ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ବଲପୁର କେନ୍ଦୁପତ୍ର ଡିଭିଜନ ସବ୍‌ଡିଭିଜନାଲ ଫରେଷ୍ଟ ଅଫିସର ରୁଣେନ୍ଦ୍ର କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଡିଏଫଓ ସମ୍ବଲପୁର ଗୌରୀଶଙ୍କର ଦାସ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଫରେଷ୍ଟର ମୋନାଲିସା ବାବୁ ଓ କୃଷ୍ଣକୁମାରୀ ଖୁଣ୍ଟିଆ ସଂଯୋଜନା କରିଥିଲେ। ଶେଷରେ ଫରେଷ୍ଟର ଇତିଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର କେନ୍ଦୁପତ୍ର ସର୍କଲର ବିଭିନ୍ନ କେନ୍ଦୁପତ୍ର ଡିଭିଜନରୁ ରେଞ୍ଜ ଅଧିକାରୀ, ଫରେଷ୍ଟର, ଫରେଷ୍ଟ ଗାର୍ଡ, ହେଡ୍ ଚେକର୍, ସର୍କଲ ଚେକର୍‌ମାନେ ଯୋଗ ଦେଇଥିଲେ।

## ଭାବରେ ବନ୍ଧା ପରିବାର ‘ଭାବ ନୁ ଅଭାବ’

### ହୀରାଖଣ୍ଡ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ସମ୍ବଲପୁର, ୨୧।୩ (ସମିସ):** ଭାବରେ ବାନ୍ଧି ହୋଇ ଗଠନ ହୁଏ ପରିବାର। ସୁଖ ଦୁଃଖ ଭିତରେ ସମୟ ଧାରରେ ବହିଚାଲେ ଜୀବନର ଡଙ୍ଗା। ସମୟ ସହିତ ଘାଟ ମାନେ ମଧ୍ୟ ନିଜ ରଙ୍ଗ ବଦଳାନ୍ତି। ତେବେ, ଡଙ୍ଗାଟି ତା’ର ଧର୍ମ କରିଚାଲେ। ଆଧୁନିକ ଚଳଣିରେ ସ୍ୱାର୍ଥପରତା, ଅବିଶ୍ୱାସ ଆଦି ପରିବାର ଭିତରେ ଥିବା ନିଷ୍ଠା, ବିଶ୍ୱାସ ସମ୍ପର୍କ ଭିତରେ ଏକ ଅଭାବ ସୃଷ୍ଟିକରେ। ଏହି ଭୁଲ ବୁଝାମଣା ଯୋଗୁଁ ସମ୍ପର୍କରେ ଅଭାବ ସୃଷ୍ଟି ହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ନିଷ୍ଠା, ବିଶ୍ୱାସ ଓ ଶ୍ରଦ୍ଧା ସହିତ ସମ୍ପର୍କ ସ୍ଥାପିତ ହୋଇପାରିବ, ସେହି ଭାବରେ ହିଁ ହେବ ସୁଖୀ ପରିବାର। ଏଭଳି ଏକ କଥାବସ୍ତୁକୁ ନେଇ ଅଦୃଶ୍ୟ ନାଟ୍ୟ ଆଶ୍ରମ ପକ୍ଷରୁ ସମ୍ବଲପୁରୀ ନାଟକ ‘ଭାବ ନୁ ଅଭାବ’ ପରିବେଷଣ କରାଯାଇଥିଲା। ଅଦୃଶ୍ୟ ନାଟ୍ୟ ଆଶ୍ରମ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନ ବିଭାଗ ପକ୍ଷରୁ ପଞ୍ଚମ ହୀରାଖଣ୍ଡ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟ କୁଳସଚିବ ଡ.ନୃପରାଜ ସାହୁ ଓ ସ୍ନାତକୋତ୍ତର ବିଭାଗ ସମୂହ ଅଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତି ଦାସ ଅତିଥି ଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ନାଟକୀୟ କଳା ଯୁବବର୍ଗଙ୍କ ଚରିତ୍ର ନିର୍ମାଣ ଏବଂ ସାମୂହିକ ବିକାଶ ଦିଗରେ ନେଉଛି ବୋଲି କହିଥିଲେ। ପ୍ରଦର୍ଶନ କଳା ବିଭାଗ ସଂଯୋଜକ ଡ.ଗୋପୀନାଥ ବାଗ ଏବଂ ଅଦୃଶ୍ୟ ନାଟ୍ୟ ଆଶ୍ରମ ନିର୍ଦ୍ଦେଶକ ଅତିଶ କୁମାର ଶତପଥୀ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ପ୍ରଦର୍ଶନ କଳା ବିଭାଗର ହରିଦାସ ମହନ୍ତ, ପ୍ରାଧ୍ୟାପକ ଅରବିନ୍ଦ ପଣ୍ଡା ଏବଂ ଅଦୃଶ୍ୟ ନାଟ୍ୟ ଆଶ୍ରମ ସଂଯୋଜକ ସୁବଳଚନ୍ଦ୍ର ବାଗ ଓ ସହସଂଯୋଜକ ଦଧିବାମନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଆଜି ସନ୍ଧ୍ୟାର ନାଟକକୁ ରଚନା ଏବଂ ନିର୍ଦ୍ଦେଶନା ଦେଇଥିଲେ ଅତୀଶ ଶତପଥୀ। ଆଲୋକ ସମ୍ପାଦନା ପ୍ଲାବନ ମିଶ୍ର, ମଞ୍ଚ ସଜ୍ଜା ରାହୁଲ ଗୁପ୍ତା, ଯଶୋବନ୍ତ ଭୋଇ, କାର୍ତ୍ତିକ ମେହେର, ସୁବ୍ରତ ଅମାତ, ଆଦିତ୍ୟ ସାହା ଓ ସଙ୍ଗୀତ ନିର୍ଦ୍ଦେଶନା ଗିରିଜାଶଙ୍କର ମିଶ୍ର। ବିଭିନ୍ନ ଭୂମିକାରେ ଥିଲେ ନରେନ୍ଦ୍ର ବେହେରା, ପଙ୍କଜିନୀ ମେହେର, ସୁମିତ୍ରା ମହାକୁଡ଼, ହେମସାଗର ମହାନନ୍ଦ ଓ ଅତିଶ ଶତପଥୀ।



## ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ୫ ଜଣଙ୍କୁ ଆର୍ଥିକ ସହାୟତା

**ସମ୍ବଲପୁର, ୨୧।୩ (ସମିସ):** ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟର ଏକ ବୈଠକ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟ ସଂସ୍ଥାପିକା ଡ.ପାଣିଗ୍ରାହୀଙ୍କ ଉପସ୍ଥିତିରେ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ୫ ଜଣଙ୍କୁ ୮୭ ହଜାର ୧୦୦ ଟଙ୍କା ଆର୍ଥିକ ସହାୟତା ଆଲୋଚନା ପରେ ଅନୁମୋଦନ କରାଯାଇଛି। ବୈଠକରେ ସମ୍ପାଦକ ସୁଧୀର ପୂଜାରୀ, କୋଷାଧ୍ୟକ୍ଷ ସ୍ୱରୂପ ପୁରୋହିତ, ସଭ୍ୟସଭ୍ୟା ଡଃ ନିରୁପମା ବଡ଼ପଣ୍ଡା, ଅମିତ ସ୍ୱାଇଁ, ସୁବ୍ରତ ପଣ୍ଡା ଓ ଶିବ ଶଙ୍କର ନନ୍ଦ ଅଂଶଗ୍ରହଣ କରିଥିଲେ।



## ବିଧାନସଭା ଘେରଉ ପାଇଁ ବ୍ଲକ୍ କଂଗ୍ରେସ ପର୍ଯ୍ୟବେକ୍ଷକ ନିଯୁକ୍ତ

**ସମ୍ବଲପୁର, ୨୧।୩ (ସମିସ):** ଆସନ୍ତା ୨୭ ତାରିଖ ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନରେ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ଥିବାରୁ ଏହାକୁ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ବ୍ଲକ କଂଗ୍ରେସ ପର୍ଯ୍ୟବେକ୍ଷକଙ୍କ ନାମ ଘୋଷଣା କରାଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ଜୟଶଙ୍କର ମିଶ୍ରଙ୍କ ସୂଚନା ଅନୁଯାୟୀ, ବାମରା ବ୍ଲକ ପର୍ଯ୍ୟବେକ୍ଷକ ଭାବେ ଅଖିଳ ପ୍ରତାପ ସିଂ ନିଯୁକ୍ତ ହୋଇଥିବା ବେଳେ କୁଚିଣ୍ଡାରେ କିଶୋର ନାୟକ, ଜମନକିରାରେ ସଞ୍ଜିତ ଶର୍ମା, ଧନକଉଡ଼ାରେ ଗିରିଜା ଶଙ୍କର ନାୟକ, ରେଙ୍ଗାଲିରେ ରବି ରାଉତ, ମାନେଶ୍ୱରରେ ଶିବବ୍ରତ ପ୍ରଧାନ, ଯୁଯୋମୁରାରେ ସୁରଙ୍ଗିନୀ ବାରିକ, ରେଢ଼ାଖୋଲରେ ସୁବାସ ବିଶ୍ୱାଳ ଓ ନାକଟିଦେଉଳରେ ଗୋବିନ୍ଦ ମିଶ୍ରଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି।

### ■ କଲମ ପରିବାର ପକ୍ଷରୁ ବିଶ୍ୱ କବିତା ଦିବସ

## ‘ହୃଦୟସ୍ପର୍ଶୀ ହୋଇଥାଏ ଭାବକୋଷରୁ ସୃଷ୍ଟ କବିତା’

**ସମ୍ବଲପୁର, ୨୧।୩(ସମିସ):** ବିଶ୍ୱ କବିତା ଦିବସ ଅବସରରେ କଲମ ପରିବାର ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବିତା ପାଇଁ ଭାଷାକୋଷର ଆବଶ୍ୟକତା ନାହିଁ। ଭାବକୋଷରୁ ସୃଷ୍ଟି ହୋଇଥିବା କବିତା ହୃଦୟସ୍ପର୍ଶୀ ହୋଇଥାଏ। ହୃଦୟର ନୀରବ ସ୍ୱରକୁ ଶୁଣି ପାରିବା ହିଁ କବିତା, କବିତାକୁ ବ୍ୟାଖ୍ୟା କରିବା ସହଜ ନୁହେଁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଟ୍ରଷ୍ଟ ସଭାପତି ତଫିଜୁଲ ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭୀମ ଭୋଇ ଚେୟାର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ପଣ୍ଡା, ବିଶିଷ୍ଟ କବି ସରୋଜ ମହାନ୍ତି, ବିଶିଷ୍ଟ ସାହିତ୍ୟିକ ମୁକ୍ତକଣ୍ଠ ପ୍ରଧାନ, ପୂର୍ବତନ ଜିଲ୍ଲାଶିକ୍ଷାଧୀକାରୀ ଡ. ପ୍ରମୋଦ କୁମାର ପଣ୍ଡା, ବିଶିଷ୍ଟ ନାଟ୍ୟକାର ଡ. ଦ୍ୱାରିକାନାଥ ନାୟକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଟ୍ରଷ୍ଟ ସମ୍ପାଦକ କ୍ଷେତ୍ରମଣି ବିଭାର ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କୁ ସ୍ମୃତି ଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଭାକାର୍ଯ୍ୟ ପରେ ସୁଧାଂଶୁ ଭୂଷଣ ଷଣ୍ଡ ଏବଂ ତରଣିସେନ ମେହେରଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟ ସହ ସମ୍ପାଦକ ଡ. ସତ୍ୟନାରାୟଣ ଠାକୁର କବିତା ଗୁଡ଼ିକର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଭଞ୍ଜନ ପୁରୋହିତ, ଅନୁପମା ବିଶ୍ୱାଳ, ଅନୁରାଧା ପୁରୋହିତ, ବିଦ୍ୟୁତଲତା ସାହୁ, ଅଳକା ମହାପାତ୍ର, କମଳ ଲୋଚନ ପଣ୍ଡା, କାହ୍ନୁ କେଶବ ବହିଦାର, ସୁପ୍ରିୟା ଦାସ, ପ୍ରଣତି ମହାପାତ୍ର, ସୁଷମା ପ୍ରଧାନ, ରାଧେଶ୍ୟାମ ପ୍ରଧାନ, ଲଳିତ ମୋହନ ବେବର୍ତ୍ତା, ଗଦାଧର ନିଆଲ, ସୁରେଖା ସାହୁ, ମମତା ନାଥ, ରତ୍ନେଶ ନୀତିନ ସାହୁ, ରମଣୀକାନ୍ତ ସାହୁ, ଆଭାସ ପଣ୍ଡା, ଉଲ୍ଲାସ ପଣ୍ଡା, ନିତାଇ ଚରଣ ସରାଫ, ସବିତା ମିଶ୍ର, କଳ୍ପନା ମହାପାତ୍ର, ପ୍ରଦୀପ ଯୋଶୀ ମୁଖ୍ୟ କବି କବୟିତ୍ରୀ କବିତା ପାଠ କରିଥିଲେ। ଶେଷରେ ଟ୍ରଷ୍ଟ ଉପସଭାପତି ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




### ଗ୍ରାମାଞ୍ଚଳରେ ସଚେତନତା ଅଭାବ

## ଦୁଇ ବର୍ଷରେ ସାପ କାମୁଡ଼ାରେ ଗଲାଣି ୫୭ ଜୀବନ

**ସମ୍ବଲପୁର, ୨୧।୩(ସମିସ)**

ସମ୍ବଲପୁର ଏକ ପ୍ରାକୃତିକ ସବୁଜିମା ପରିପୂର୍ଣ୍ଣ ଜିଲ୍ଲା। ଚାରିଆଡ଼େ ଘଞ୍ଚ ଜଙ୍ଗଲ ରହିଥିବା ବେଳେ ସର୍ପାଘାତ ଜିଲ୍ଲାବାସୀଙ୍କ ପାଇଁ ବିପଦ ଆଣୁଛି। ଜିଲ୍ଲାର ଚତୁଃପାର୍ଶ୍ୱରେ ନଦୀନାଳ ଘେରା ହୋଇଥିବା ବେଳେ ଘଞ୍ଚ ଜଙ୍ଗଲ ମଧ୍ୟ ରହିଛି। ଫଳରେ ପ୍ରତିବର୍ଷ ଜିଲ୍ଲାରେ ସାପ କାମୁଡା ଯୋଗୁଁ ଅନେକ ଲୋକଙ୍କ ଜୀବନ ଯାଉଛି। ଗତ ଦୁଇ ବର୍ଷରେ ଜିଲ୍ଲାରେ ପ୍ରାୟ ୫୭ ଜଣଙ୍କ ଜୀବନ ଯାଇଥିବା ସରକାରୀ ସ୍ତରରୁ ତଥ୍ୟ ମିଳିଛି। କିନ୍ତୁ ବାସ୍ତବରେ ଏହାର ସଂଖ୍ୟା ଢେର ଅଧିକ ବୋଲି ଅନୁମାନ କରାଯାଉଛି। ସମ୍ବଲପୁର ଜିଲ୍ଲା ବଣପାହାଡ଼ ଘେରା ହୋଇଥିବା ବେଳେ ସବୁ ବେଳେ ସର୍ପାଘାତର ଭୟ ରହିଛି। ନାକଟିଦେଉଳ, ମାନେଶ୍ୱର, ରେଢାଖୋଲ ବ୍ଲକର ଅଧିକାଂଶ ଅଞ୍ଚଳ ନଦୀ ସଂଲଗ୍ନ ହୋଇଥିବା ବେଳେ ବାମରା, ଗିରିଶ୍ଚନ୍ଦପୁର, ବଡରମା, ହାତୀବାରି ଅଞ୍ଚଳ ଜଙ୍ଗଲ ପାହାଡ ଘେରା ମଧ୍ୟରେ ରହିଛି। ତେଣୁ ସବୁ ବେଳେ ଜିଲ୍ଲାରେ ସାପ ଭୟ ରହୁଛି। ବିଭିନ୍ନ ସମୟରେ ବିଷଧର ସାପଙ୍କୁ ଉଦ୍ଧାର କରାଯାଉଥିବା ଖବର ଆସୁଥିବା ବେଳେ ଅନେକ ସମୟରେ ସାପ ଦଂଶନରେ ଅକାଳରେ ଲୋକଙ୍କ ଜୀବନ ଯାଉଛି। ନାକଟିଦେଉଳ, ରେଢାଖୋଲ, ପଡ଼ିଆବାହାଳ, ବାମରା, ଜମନକିରା ଓ କୁଚିଣ୍ଡା ଅଞ୍ଚଳରେ ଜଙ୍ଗଲ ଲାଗି ରହିଛି। ବିଶେଷ ଭାବେ ବାମରା ଅଞ୍ଚଳରେ ସର୍ପାଘାତ ଅଧିକ ହୋଇଥିଲା। ସରକାରୀ ତଥ୍ୟ ଅନୁସାରେ ୨୦୨୩-୨୪ରେ

### ଏବେ ବି ଝଡ଼ା ଫୁଙ୍କାରେ ବିଶ୍ୱାସ

ଜିଲ୍ଲାର ୩୬ ଜଣ ସର୍ପାଘାତରେ ପ୍ରାଣ ହରାଇଥିବା ବେଳେ ୨୦୨୪-୨୫ରେ ୨୧ ଜଣଙ୍କ ମୃତ୍ୟୁ ହୋଇଛି। ସମସ୍ତଙ୍କୁ ସରକାରୀସ୍ତରରୁ ଅନୁକମ୍ପା ରାଶି ୪ ଲକ୍ଷ ଟଙ୍କା ମିଳିଛି। ହେଲେ ପ୍ରଶ୍ନ ଉଠୁଛି ଏବେ ବି ଲୋକଙ୍କ ଜୀବନ ସଚେତନ ଅଭାବରୁ ଅଧିକ ଯାଉଛି।ଗ୍ରାମାଞ୍ଚଳରେ ସାପ କାମୁଡ଼ିଲେ ବିଶେଷ ଭାବେ ଡାକ୍ତରଖାନା ଉପରେ ନିର୍ଭର କରୁନାହାନ୍ତି। ଆଜି ବି ଲୋକମାନେ ଅନ୍ଧ ବିଶ୍ୱାସକୁ ମାନି ଝଡାଫୁଙ୍କାକୁ ବିଶ୍ୱାସ କରୁଥିବା ବେଳେ ଡାକ୍ତରଖାନା ଆଣିବାକୁ ପଛଘୁଞ୍ଚା ଦେଉଛନ୍ତି। ଏପରିକି ଲୋକ ଗୁରୁତର ହେଲେ ଡାକ୍ତରଖାନା ଆଣିଲା ବେଳକୁ ବାଟରେ ଚାଲିଯାଉଛି ଜୀବନ। ଯାହାକି ମୃତକଙ୍କ ସମ୍ପର୍କୀୟ ଡାକ୍ତରଖାନା ଓ ଡାକ୍ତରଙ୍କ ଅବହେଳା ଉପରେ ପ୍ରଶ୍ନ ଉଠାଉଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ସର୍ପାଘାତ ଔଷଧ ରହିଥିବା ବେଳେ ଜିଲ୍ଲାରେ ବର୍ଷକୁ ପାଖାପାଖି ୪ ହଜାରରୁ ଅଧିକ ଇଞ୍ଜେକସନ୍ ଆବଶ୍ୟକତା ରହିଥାଏ ଓ ଯୋଗାଣ ମଧ୍ୟ ହୋଇଥାଏ। ଯାହାକୁ କି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରରୁ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥାଏ। ପ୍ରତି କେନ୍ଦ୍ରରେ ଇଞ୍ଜେକସନ୍ ମହଜୁଦ ରଖିବାକୁ ନିର୍ଦ୍ଦେଶ ରହିଛି। ସେଥିରୁ କମିଲେ ସେଣ୍ଟ୍ରାଲ୍ ଷ୍ଟୋରକୁ ଜଣାଇବାକୁ କୁହାଯାଇଛି। ବର୍ଷା ଦିନରେ ଅଧିକ ସାପ କାମୁଡ଼ା ଘଟଣା ସାମ୍ନାକୁ ଆସିଥାଏ। ଅନେକ୍ ଲୋକ ସର୍ପ ଦଂଶନ ପରେ ସ୍ୱାସ୍ଥ୍ୟ ବିଭାଗର କଟକଣା ମାନି ରୋଗୀଙ୍କୁ ଚିକିତ୍ସାଳୟରେ ପହଞ୍ଚାଉଥିବାରୁ ବହୁ ସଂଖ୍ୟାରେ ଲୋକଙ୍କ ଜୀବନ ବଞ୍ଚିଯାଉଛି। ବର୍ଷା ଦିନରେ ଘର ଚାରି ପାର୍ଶ୍ୱ ସଫା ସୁତୁରା ରଖିବାକୁ କୁହାଯାଉଛି। ସହରାଞ୍ଚଳରେ ବିଭିନ୍ନ ନିୟମ କଟକଣାକୁ ମନା ଯାଉଛି, ହେଲେ ବାସ୍ତବରେ ଗ୍ରାମାଞ୍ଚଳରେ ସଚେତନର ଘୋର ଅଭାବ ଦେଖା ଦେଇଛି। ବର୍ଷାଦିନେ ବିଲରେ କାମ କରୁଥିବା ବେଳେ ଅନକଙ୍କ ସର୍ପ ଦଂଶନରେ ମୃତ୍ୟୁ ହେଉଛି। ସାପକାମୁଡ଼ାରେ ମୃତ୍ୟୁବରଣ କରୁଥିବା ପରିବାରକୁ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ତଥାପି ସଚେତନ ରହିଲେ ବହୁ ମାତ୍ରାରେ ସାପ କାମୁଡା ସଂଖ୍ୟା କମାଇ ଦିଆଯାଇପାରିବ। ଗ୍ରାମାଞ୍ଚଳରେ ଲୋକଙ୍କୁ ଅନ୍ଧବିଶ୍ୱାସ ପ୍ରତି ସଚେତନ କରାଇଲେ ସମସ୍ତେ ଡାକ୍ତରଖାନାକୁ ସଠିକ ସମୟରେ ଆଣି ପାରିବେ। ଫଳରେ ଅନେକ ଧନଜୀବନ ନଷ୍ଟ ହେବନାହିଁ ବୋଲି ସାଧାରଣରେ ପ୍ରକାଶ ପାଇଛି।



# ବିଜୁଳି ବିଭ୍ରାଟ ନେଇ ରାଜରାସ୍ତାକୁ ଓହ୍ଲାଇଲେ ଚାଷୀ

ମେଲଛାମୁଣ୍ଡା, ୨୧।୩ (ସମିସ)



ଅଘୋଷିତ ବିଜୁଳି କାଟ୍, ଲୋ ଭୋଲ୍ଟେଜ ସମସ୍ୟା, ଅହେତୁକ ବିଜୁଳି ବିଲ୍ ପ୍ରତିବାଦରେ ଆଜି ବିଜୁ ଏକ୍ସପ୍ରେସ ୱେ ରାଜରାସ୍ତାକୁ ଓହ୍ଲାଇ ଧାରଣାରେ ବସିଥିଲେ ମେଲଛାମୁଣ୍ଡା ଚାଷୀ। ମେଲଛାମୁଣ୍ଡା ଆଞ୍ଚଳିକ କୃଷକ ସଙ୍ଗଠନର ସଭାପତି ରତିକାନ୍ତ ବାରିକଙ୍କ ନେତୃତ୍ୱରେ ଆଜି ମେଲଛାମୁଣ୍ଡା, ଟାଲ, ଝାନ,ପଲସାପାଲି, ସାଲେପାଲି ପ୍ରଭୃତି ଗ୍ରାମ ପଞ୍ଚାୟତରୁ ଶତାଧିକ ଚାଷୀ ମେଲଛାମୁଣ୍ଡା ସ୍ଥିତ ବିଦ୍ୟୁତ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ ଜେଇ. ଶୁଭମ କୁମାର ମେହେରଙ୍କ ସହିତ ବିଜୁଳି ସମସ୍ୟାର ସମାଧାନ ନେଇ ଆଲୋଚନା କରିଥିଲେ। ଏହାପୂର୍ବରୁ କୃଷକ ସଙ୍ଗଠନ ବିଦ୍ୟୁତ ବିଭାଗକୁ ଅନେକ ଥର ଅଭିଯୋଗ କରିଆସୁଥିଲେ । କିନ୍ତୁ ସମସ୍ୟାର ସମାଧାନ ନହେବାରୁ ଆଜି ପୁଣି ସେକ୍ସନାଲ ଅଫିସକୁ ପହଞ୍ଚି ଜେଇଙ୍କ ସହିତ ଆଲୋଚନା କରିଥିଲେ । କିନ୍ତୁ ଆଲୋଚନାରେ ବିଫଳ ହେବା ପରେ କୃଷକ ସଙ୍ଗଠନ ବିଜୁ ଏକ୍ସପ୍ରେସ ୱେ କୁ ଯାଇ ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ । ଚାଷୀନେତା ରମେଶ ସାହୁ, ଜୟଦେବ ମେହେର, ବିଭୁତି କାଲେ, କରମସାନୀ ସାହୁ, ପଦ୍ମନ ବିଶି, ପୂର୍ଣ୍ଣଚନ୍ଦ୍ର ସାହୁ, ସୁରେଶଚନ୍ଦ୍ର ପ୍ରଧାନ, ଶ୍ରୀକାନ୍ତ ଭୋଇ, ତରଣୀ ପଧାନ, ରଞ୍ଜିତ ବିଶ୍ୱାଲ, ରଙ୍କମଣି ନାଏକ, ଆନନ୍ଦ ଦିଶ୍ରୀ ପ୍ରମୁଖଙ୍କ ସମେତ ମେଲଛାମୁଣ୍ଡା ଅଞ୍ଚଳର ବହୁ ଚାଷୀନେତା ଏବଂ ବରଗଡ଼ ସଂଯୁକ୍ତ କୃଷକ ସଙ୍ଗଠନର ରମେଶ ମହାପାତ୍ର, ରବିଶଙ୍କର ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ପ୍ରସନ୍ନ କୁମ୍ଭାର, ମୁରଲୀ ଭୋଇ, ଅରବିନ୍ଦ ପଣ୍ଡା ଓ ବିଭିନ୍ନ କୃଷକ ସଙ୍ଗଠନର ଚାଷୀନେତାମାନେ ଧାରଣାରେ ସାମିଲ ରହିଥିଲେ । ପ୍ରକାଶଥାଉ କି, ଅତ୍ୟଧିକ ବିଜୁଳିକାଟ୍ ଓ ଲୋ ଭୋଲଟେଜ୍ ସମସ୍ୟା ଯୋଗୁଁ ରବି ଫସଲରେ ଗଭୀର ନଳକୂପରୁ ପାଣି ମଡ଼ାଯାଇ ପାରୁ ନଥିବାରୁ ଫସଲ ମରିବାକୁ ଲାଗିଲାଣି । ଏଣୁ ଚାଷୀମାନଙ୍କ ମଧ୍ୟରେ ଧାରଣାସ୍ଥଳରେ ଉଦବେଗ ପ୍ରକାଶ ପାଇଥିଲା । କୃଷକ ସଙ୍ଗଠନର ରାଜରାସ୍ତା ଅବରୋଧ ଖବର ପାଇ ମେଲଛାମୁଣ୍ଡା ପୁଲିସ ଅଧିକାରୀ ସୁବାସ ରାୟଗୁରୁ, ପଦ୍ମପୁର ଇଲେକ୍ଟ୍ରିକାଲ ଏସଡିଓ. ଧାରଣାସ୍ଥଳକୁ ଆସି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ । ବିଜୁଳି ବିଭ୍ରାଟରେ ସମାଧାନ କରାଯିବା ସହିତ ବିଦ୍ୟୁତ ବିଲ୍ ବାବଦକୁ ବାର୍ଷିକ ୪ ହଜାର ଟଙ୍କା ନିଆଯିବ ବୋଲି କୃଷକ ସଙ୍ଗଠନକୁ ଇଲେକ୍ଟ୍ରିକାଲ ଏସଡିଓ ପ୍ରତିଶ୍ରୁତି ଦେବା ପରେ କୃଷକ ସଙ୍ଗଠନ ଧାରଣାରୁ ହଟିଥିଲା ।

# ଶିବ ମନ୍ଦିରର ପ୍ରାଣପ୍ରତିଷ୍ଠା ଉତ୍ସବ



**ଝାରବନ୍ଧ, ୨୧।୩(ସମିସ):** ଲଉଡ଼ିଦର୍ହା ପଞ୍ଚାୟତ କୁର୍ମା ଗ୍ରାମରେ ନବନିର୍ମିତ ଶିବ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି ହୋଇଛି। ପାଞ୍ଚଦିନ ବ୍ୟାପୀ ହୋଇଥିବା ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଷୋହଳ ପ୍ରହର ନାମ ସଂକୀର୍ତ୍ତନ, ପ୍ରବଚନ, କୀର୍ତ୍ତନ ଧାରା, ମହାରାଜ ଦରବାର, ମିନାବଜାର, ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ୨୧ ଦମ୍ପତି ପୂଜାରେ କର୍ତ୍ତା ଭାବରେ ନିୟୋଜିତ ଥିଲେ। ପ୍ରତ୍ୟହ ପୂଜାର୍ଚ୍ଚନା,ହୋମ ଯଜ୍ଞ ହୋଇଥିଲା। ପ୍ରତ୍ୟହ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗଦାନ କରି ପ୍ରଭୁକୃପା ଲାଭ କରିଥିଲେ। ପୂଜା କାର୍ଯ୍ୟରେ ମୁଖ୍ୟ ପଣ୍ଡିତ (ବ୍ରହ୍ମା ) ଓଁକାର ପାଢ଼ୀ, ମୁଖ୍ୟ ସହଯୋଗୀ (ଆଚାର୍ଯ୍ୟ ) ମନୋଜ ପାଢ଼ୀ, ବିମଳ ମହାରାଜ, ରୋହିତ ହୋତା ଥିବା ବେଳେ ତାଙ୍କୁ ସହଯୋଗ ପାଇଁ ୬ ଜଣ ପଣ୍ଡିତ ଥିଲେ। କୁର୍ମା ଗ୍ରାମବାସୀ ସମସ୍ତେ ପୂଜାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନା କମିଟିରେ ସୁବାସ ସାହୁ ସଭାପତି, ବିଶାଲୁ ସାହୁ ଉପ ସଭାପତି, ଉତ୍ତର ଭୋଇ ସଂପାଦକ, ଟଙ୍କଧର ପ୍ରଧାନ କୋଷାଧ୍ୟକ୍ଷ ଓ ଅନେକ ସଦସ୍ୟ ଚୟନ ହୋଇଛନ୍ତି। ଗୌଡ଼ମାଳ, ଡୁଙ୍ଗୁରିପାଲି, ଶିକାରିପାଲି ଓ ନିକଟସ୍ଥ ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗ ରହିଥିଲା। ଦେବରାଜ ପ୍ରଧାନ, ଶରତ ସାହୁ, ଗଣେଶ ଭୋଇ,ଅଶୋକ ପ୍ରଧାନ, ସୁରେନ୍ଦ୍ର ଭୋଇ, ପଦ୍ମନ ରଣା, ଦୀନବନ୍ଧୁ ଜଗତ ଓ ଅନ୍ୟ ଯୁବଗୋଷ୍ଠୀ ନୀତି ନିର୍ଦ୍ଧାରଣ, ଅନ୍ନ ଭୋଗ,ଶୃଙ୍ଖଳା ପ୍ରତି ଗୁରୁତ୍ୱ ଦେଇଥିଲେ।

# ବିଦ୍ୟାଳୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



**ଥୁଆପାଲି, ୨୧।୩(ସମିସ):** ରେମଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପିଏମଶ୍ରୀ ମାନ୍ୟତା ପାଇବା ପରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ପ୍ରସାଦ ଗୋଏଲ ଆଜି ଏହି ବିଦ୍ୟାଳୟକୁ ପରିଦର୍ଶନ ଆସି ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମୟରେ ବିଦ୍ୟାଳୟର ଏସଏମସି ଚେୟାରମ୍ୟାନ ରାସେଶ୍ୱରୀ ଭୋଇ, ଭେଡେନ ବିଡିଓ ତ୍ରିପୁର ମହାନନ୍ଦ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକ, ବିଦ୍ୟାଳୟର ପ୍ରଧାନଶିକ୍ଷକ ମହାଦେବ ଭୋଇ, ରେମଣ୍ଡା ସରପଞ୍ଚ ଉଦ୍ଧବ ବାରିକ, ପଞ୍ଚଶଖା ସେତୁ ତଥା ଆଲୁମିନୀର ଉପସଭାପତି ଗଙ୍ଗାଧର ମେହେର, କୋଷାଧ୍ୟକ୍ଷ ଶିବପ୍ରସାଦ ଖମାରୀ, ହରମୋହନ ସେଠ, ଗଣେଶ ଭୋଇ, ବଲରାମ ବାଗ, ସତ୍ୟବାନ ପାତ୍ର, ଯୋଗେଶ୍ୱର ସାହୁ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ଗୋଏଲ ୧୦୦ ଶଯ୍ୟା ବିଶିଷ୍ଟ ଏସସି ଛାତ୍ରାବାସ, ସାପ୍ତାହିକ ବଜାର ଇତ୍ୟାଦି ପରିଦର୍ଶନ କରିଥିଲେ। ଶେଷରେ ବାଲବାଟିକାର ତିନିଜଣ ଛାତ୍ରଛାତ୍ରୀଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ।

# ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ

**ଗାଇସିଲେଟ,୨୧।୩(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ତାଲପାଲି ଗ୍ରାମ ଠାରେ ତୃତୀୟ ଦିବସରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତମାନଙ୍କ ପୂଜାପାଠରେ ସୂର୍ଯ୍ୟ ପୂଜା, ବ୍ରହ୍ମଣ ପୂଜନ, ଅଙ୍କୁର ପୂଜନ, ଶାଳାଧିଷ୍ଠିତ ଦେବତା ପୂଜା, ମୁଖ୍ୟ ଦେବତା ପୂଜା,ବିଷ୍ଣୁ ସହସ୍ର ନାମ ପଠନ, ହୋମ,ଆରତୀ,ପୁଷ୍ପାଞ୍ଜଳି ହୋଇଥିଲା । ଭକ୍ତମାନଙ୍କ ପାଇଁ ଗାୟିକା ଜ୍ୟୋତ୍ସ୍ନାମୟୀ ଦୀକ୍ଷିତ ପାରାୟଣ ଗାନ କରିଥିବା ବେଳେ ଦେଗାଁ ବ୍ଲକ ଅନ୍ତର୍ଗତ ଚନ୍ଦରପୁରର ପ୍ରସିଦ୍ଧ ରାମଲୀଲା ଏବଂ ଦଣ୍ଡ ନୃତ୍ୟ ଅନୁଷ୍ଠିତ ହୋଇଥିଲା । ଶନିବାର ନୀଳମାଧବ ଚରିତ୍ର ( ଶ୍ରୀ ଜଗନ୍ନାଥ) ଉପରେ ଏକ ଖୋଲା ମଞ୍ଚ ଦରବାର ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆଙ୍କ କରକମଳରେ ଉଦଘାଟନ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଆଜି ଅତିଥି ଭାବରେ ସାଗର ସାହୁ, ପୂର୍ବତନ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ବଲାଙ୍ଗୀର ଓ ସମାଜସେବୀ କବିବର ସାହୁ ଏବଂ ତାଙ୍କ ଧର୍ମପତ୍ନୀ ଯୋଗଦେଇଥିଲେ । ଅତିଥିମାନଙ୍କୁ କୀର୍ତ୍ତନପାର୍ଟି ସ୍ୱାଗତ କରି ପାଛୋଟି ନେଇଥିଲେ । ତେବେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମିନା ବଜାରରେ ଶତାଧିକ ଦର୍ଶକଙ୍କ ସମାବେଶ ହୋଇଥିବା ବେଳେ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ଦଧିବାମନ ସାଂସ୍କୃତିକ ପରିଷଦ ତଥା ଗ୍ରାମ୍ୟ କମିଟି, ଉପଦେଷ୍ଟା କମିଟି, ଶାନ୍ତି କମିଟି,ଯୁବ ଗୋଷ୍ଠୀ ଏବଂ ପୁଲିସ ବିଭାଗ ସହଯୋଗ କରିଥିଲେ ।

# ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ସମୀକ୍ଷା ବୈଠକ

**ଭେଡେନ,୨୧।୩(ସମିସ):** ଭେଡେନ ବ୍ଲକ ପରିସରରେ ଥିବା ସଭାଗୃହରେ ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ଭେଡେନ ବ୍ଲକରେ ହୋଇଥିବା ଉନ୍ନୟନ କାମର ସମୀକ୍ଷା କରିବା ସହ ଉପସ୍ଥିତ ଭେଡେନ ବ୍ଲକ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ବ୍ଲକରେ ଥିବା ବିଭିନ୍ନ ଗ୍ରାମର ସମସ୍ୟା ବିଷୟରେ ଅବଗତ କରିଥିଲେ। ବୈଠକରେ ଏସବିଏମ ମଧୁସୂଦନ ସେଟ, ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣି ଖେତି,ବିଡିଓ ତ୍ରିପୁର ମହାନନ୍ଦ, ଏବିଡିଓ ପ୍ରୀତେଶ ଦୋରା, ସିଡିପିଓ ଆଫଲାନ୍ସ ଟେଟେ, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ପଦ୍ମନି ଗଡ଼ତିଆ, ପିଙ୍କି ବଢ଼େଇ,ସତ୍ୟଜିତ ପୁରୋହିତ,ଭେଡେନ ସରପଞ୍ଚ ଅକ୍ଷୟ ନାଏକଙ୍କ ସମେତ ବ୍ଲକର ସମସ୍ତ ଜେଇ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଛାତ୍ରଛାତ୍ରୀଙ୍କ ଶିଳ୍ପ ତାଲିମ ପ୍ରତିଷ୍ଠାନ ପରିଦର୍ଶନ

**ବରଗଡ଼,୨୧। ୩(ସମିସ):** ଶୁକ୍ରବାର ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ସ୍ପନ୍ସରସିପ ହିତାଧିକାରୀ ତଥା ଶିଶୁ ଗୃହମାନଙ୍କର ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କୁ ଶିଳ୍ପ ତାଲିମ ପ୍ରତିଷ୍ଠାନ ବରଗଡ଼, ସରକାରୀ ପଲିଟେକ୍‌ନିକ ଅନୁଷ୍ଠାନକୁ କ୍ଷେତ୍ର ପରିଦର୍ଶନ ପାଇଁ ନିଆ ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ପତାକା ଦେଖାଇ କ୍ଷେତ୍ର ପରିଦର୍ଶନ ଯାତ୍ରାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମଞ୍ଜୁ ଏକ୍କା, ଡେପୁଟି କଲେକ୍ଟର ଉତ୍ତମ ବାଗ, ଜୁଡିସିଆଲ ବିଭାଗ ଅଧିକାରୀ ଦିଲ୍ଲୀପ କୁମାର ପଣ୍ଡା, ଶିଶୁ ମଙ୍ଗଳ ସମିତି ସଭ୍ୟା ରାଧା ଅଗ୍ରୱାଲ, ମମତା ମେହେର, ସନ୍ତୋଷିନୀ କର ଏବଂ ସଭ୍ୟ ନିରଞ୍ଜନ ବିଶ୍ୱାଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ ଯାତ୍ରା ଦ୍ୱାରା ଛାତ୍ରଛାତ୍ରୀମାନେ ତାଲିମ ନେଇ ସ୍ୱାବଲମ୍ବନଶୀଳ ହେବା ସଙ୍ଗେ ସଙ୍ଗେ ସରକାରୀ ତଥା ବେସରକାରୀ ସଂସ୍ଥାରେ ଅବସ୍ଥାପିତ ହୋଇପାରିବେ। ଏହି କାର୍ଯ୍ୟକ୍ରମଟିକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରିଣୀ ଜୟନ୍ତୀ ହିଆଲ, ସାମାଜିକ କର୍ମୀ ସୁରେନ୍ଦ୍ର ଦାଶ ଦାୟିତ୍ୱର ସହ ସମ୍ପାଦନା କରିଥିଲେ। ଏହା ସହ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲଡ ହେଲ୍ପ ଲାଇନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# କୃତାର୍ଥ ଆଚାର୍ଯ୍ୟଙ୍କ ଜନ୍ମତିଥିରେ ବିକାଶ ଛାତ୍ରଛାତ୍ରୀଙ୍କ ସଙ୍ଗୀତ ପରିବେଷଣ

**ବରଗଡ଼, ୨୧। ୩(ସମିସ):** ଗତକାଲି ବରଗଡ଼ ସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲ୍ ଠାରେ ସମ୍ବଲପୁରୀ ବସ୍ତ୍ରାଳୟ, ବରଗଡ଼ ଆନୁକୂଲ୍ୟରେ ସମ୍ବଲପୁରୀ ବାନ୍ଧଶିଳ୍ପର ପ୍ରତିଷ୍ଠାତା ପଦ୍ମଶ୍ରୀ ଡକ୍ଟର କୃତାର୍ଥ ଆଚାର୍ଯ୍ୟଙ୍କ ୧୨୬ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ସମାରୋହରେ ଆଇଆଇଏମ୍., ସମ୍ବଲପୁରର ଚେୟାରମ୍ୟାନ୍, ବରଗଡ଼ ସାଇନ୍ସ ଇନଷ୍ଟିଚ୍ୟୁଟ୍‌ର ଚେୟାରମ୍ୟାନ୍ ପ୍ରଦୀପ ହୋତା ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । କ୍ରିଷ୍ଣା ବିକାଶ ଗ୍ରୁପ୍, ବରଗଡ଼ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ସମାରୋହରେ ଉଚ୍ଚକୋଟୀର ପ୍ରାରମ୍ଭିକ ସ୍ୱାଗତ ସଂଗୀତ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଙ୍ଗୀତ ଶିକ୍ଷକ ନିଗମ କୁମାର ସଙ୍ଗୀତ ଶିକ୍ଷୟିତ୍ରୀ ପ୍ରତିମା ସାହୁ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ହୃଦୟସ୍ପର୍ଶୀ ସଙ୍ଗୀତ ପରିବେଷଣ କରିଥିଲେ।




# ବିକାଶ ଡିଗ୍ରୀ କଲେଜରେ ପୁସ୍ତକ ଉନ୍ମୋଚନ ଓ କବିତା ପାଠ

**ବରଗଡ଼, ୨୧। ୩(ସମିସ):** ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜର ଇଂରାଜୀ ବିଭାଗ ଦ୍ୱାରା 'ବିଶ୍ୱ କବିତା ଦିବସ' ଅବସରରେ



ସୁନ୍ଦର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଲକ୍ଷ୍ମୀ ବିକାଶ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଲେଖକ ଡ. ରାଜେନ୍ଦ୍ର ପାଢୀ ଏବଂ ଇଂରାଜୀ ପ୍ରାଧ୍ୟାପକ ହରିହର ମଲ୍ଲିକ ଯଥାକ୍ରମେ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ।ଅଧ୍ୟକ୍ଷ ଡ. ବିକ୍ରମଦାସ ମଂଚାସୀନ ଥିଲେ । ବିକାଶ ଡିଗ୍ରୀ କଲେଜର ଛାତ୍ରୀ ବି. ସଂଚିତା ପାତ୍ର, ସୌମ୍ୟାଶ୍ରିତା ବିଶ୍ୱାଳ, ଶୁଭସ୍ମିତା ପାତ୍ର, ଅଙ୍କିତା ମିଶ୍ର ଏବଂ ଅଧ୍ୟାପିକା ଅଙ୍କିତା ଦେ ସର୍କାର ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଙ୍କ ସ୍ୱହସ୍ତରେ ୨ଟି ପୁସ୍ତକ ଏବଂ ଗୋଟିଏ ପୁସ୍ତକର 'ମୁଖାବିଷ୍କାର' କରାଯାଇଥିଲା। ୨୦ଟି ଦେଶରୁ ପ୍ରଖ୍ୟାତ ୧୨୮ ଜଣ କବିଙ୍କ ୧୫୦ ରୁ ଊର୍ଦ୍ଧ୍ୱ ଉଚ୍ଚକୋଟୀର ଇଂରାଜୀ କବିତା ସ୍ଥାନ ପାଇଥିବା ୨୯୩ ପୃଷ୍ଠା ବିଶିଷ୍ଟ ଦ୍ୱିଭାଷୀ କାବ୍ୟ ସଙ୍କଳନ 'ସିମ୍ଫନୀ – ଏନ୍ ଏନ୍ଥୋଲୋଜି ଅଫ ଗ୍ଲୋବାଲ ପଏଟ୍ସ' ର ଉନ୍ମୋଚନ ହୋଇଥିଲା। ଡ. ରାଜେନ୍ଦ୍ର ପାଢି ଏହାର ମୁଖ୍ୟ ସଂପାଦକ ଦାୟିତ୍ୱ ତୁଲାଇଥିବା ବେଳେ ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସର ଛାତ୍ର କଲ୍ୟାଣ ଡିନ୍ ଆର୍. ଏସ୍.ଭି. କ୍ରିଷ୍ଣା ସମ୍ପାଦକ ଭୂମିକା ତୁଲାଇଥିଲେ। ଏହି ଅବସରରେ ପ୍ରଫେସର ହରିହର ମଲ୍ଲିକଙ୍କ ଦ୍ୱାରା ଲିଖିତ 'ସଙ୍ଗ୍ ଅଫ୍ ଦ ସୋଲ୍' ପୁସ୍ତକର ଭବ୍ୟ ଉନ୍ମୋଚନ କରାଯାଇଥିଲା । ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ରଙ୍କ ଆଗାମୀ ପୁସ୍ତକ, ସତ୍ୟବ୍ରତ ମିଶ୍ରଙ୍କ 'ଭାବ ବେଳାଭୂମି' ର ମୁଖାବିଷ୍କାର ଶ୍ରୀ ଡି. ନାଗେଶ୍ୱର ରାଓଙ୍କ କରକମଳରେ କରାଯାଇଥିଲା । ଉନ୍ମୋଚିତ ହୋଇଥିବା 'ସିମ୍ଫନି', 'ସଙ୍ଗ୍ ଅଫ୍ ଦି ସୋଲ୍' ଏବଂ ଆଗାମୀ ପୁସ୍ତକ ସତ୍ୟବ୍ରତ ମିଶ୍ରଙ୍କ 'ଭାବ ବେଳାଭୂମି' ର ସଫଳ ଉନ୍ମୋଚନ ଏବଂ ଆଦୃତି ପାଇଁ ଅଭିନନ୍ଦନ ଜ୍ଞାପନ କରିଥିଲେ । ୨୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ-ଅଧ୍ୟାପିକା ଯୋଗଦେଇଥିବା ଏହି କାର୍ଯ୍ୟକ୍ରମର ସଂଯୋଜନା ଦାୟିତ୍ୱ ଅଧ୍ୟାପକ ସୂରଜ ପଣ୍ଡା ଏବଂ ଅଧ୍ୟାପିକା ବର୍ଷା ପ୍ରିୟଦର୍ଶିନୀ ତୁଲାଇଥିଲେ।

# ଲାୟନ୍ସ କ୍ଲବ୍ ତରଫରୁ ଫ୍ରିଜର ପ୍ରଦାନ



**ପାଇକମାଲ, ୨୧।୩ (ସମିସ) :** ପାଇକମାଲ ଲାୟନ୍ସ କ୍ଲବ୍ ନୃସିଂହନାଥର ସଭ୍ୟ ତଥା ପାଇକମାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଲାୟନ୍ସ କ୍ଲବର ସଭାପତି ଗୋବର୍ଦ୍ଧନ ଅଗ୍ରୱାଲଙ୍କ କରକମଳରେ ଫ୍ରିଜରର ଶୁଭ ଉଦଘାଟନ ହୋଇଯାଇଛି । କ୍ଲବର ଏହି ମହତ୍ କାର୍ଯ୍ୟରେ ଶିଶୁ ମନ୍ଦିରର ଶୁଦ୍ଧ ଓ ଥଣ୍ଡା ପାନୀୟ ଜଳ ପାଇପାରିବେ। ଏହି କାର୍ଯ୍ୟକ୍ରମରେ ରାମକୁମାର ଗୁପ୍ତା, ନନ୍ଦଲାଲ ନାୟକ, ମୀନକେତନ ବେହେରା, ଅଶୋକ ଜିନ୍ଦଲ, ସୁନ୍ଦରମଣି ନାୟକ, କୀର୍ତ୍ତନ ସୋନି, ଯୋଗେଶ୍ୱର ସାହୁ, ବେଦବ୍ୟାସ ସାହୁ, ଆଶା ସୁପକାର ଓ ବିଦ୍ୟାଳୟର ସମସ୍ତେ ଉପସ୍ଥିତ ଥିଲେ।

# ସଂକ୍ରିଡ଼ା ପ୍ରାଥମିକ କୃଷି ସେବା ସମବାୟ ସମିତିର ଅଧିବେଶନ



**ଥୁଆପାଲି, ୨୧।୩ (ସମିସ):** ବରଗଡ଼ ଜିଲ୍ଲା ସଂକ୍ରିଡ଼ା ପ୍ରାଥମିକ କୃଷି ସମବାୟ ସମିତି ଅର୍ଜୁଡ଼ା ଶାଖା ଠାରେ ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରିଥିଲେ ସଂକ୍ରିଡ଼ା ପ୍ରାଥମିକ କୃଷି ସମବାୟ ସମିତି ଲି. ର ସଭାପତି ସୁବ୍ରତ କୁମାର ଚାନ୍ଦ । ଅତିଥି ପରିଚୟ ପ୍ରଦାନ କରିଥିଲେ ଉମେଶ ଚନ୍ଦ୍ର ବେହେରା। ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଜିଲ୍ଲା ସମବାୟ ସମିତିର ସଭାପତି ନରେନ୍ଦ୍ର ପ୍ରଧାନ ଯୋଗଦେଇ ଏନପିଏ କମାଇବା ପାଇଁ ସମସ୍ତ ଚାଷୀଙ୍କୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ, ସମବାୟ ସମିତିର ଡାଇରେକ୍ଟର ସାନିପାନୀ ରାମକୃଷ୍ଣ, ଗୋକୁଳ ସେଠ, ସଚ୍ଚିଦାନନ୍ଦ ମାଝୀ, କହ୍ନେଇ ସାହୁ, ରବିନାରାୟଣ ଦୀପ, ଧର୍ମରାଜ ଭୋଇ ସମେତ ବହୁ ଚାଷୀ ଯୋଗ ଦେଇଥିଲେ। ସଂକ୍ରିଡ଼ା କୃଷି ସମବାୟ ସମିତିର ସଂପାଦକ ସୁବାସ ଚନ୍ଦ୍ର ପୁରୋହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଚାଷୀଗିରି ନଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଞ୍ଚଳିକ ସାହିତ୍ୟ ପରିଷଦର ପଖାଳ ଦିବସ




**ଅତାବିରା,୨୧। ୩(ସମିସ):** ଗୁରୁବାର ଅତାବିରା ଏନ୍‌ଏସି ରେଙ୍ଗାଲି କ୍ୟାମ୍ପ ଠାରେ ଆଞ୍ଚଳିକ ସାହିତ୍ୟ ପରିଷଦ ତରଫରୁ ବିଶ୍ୱ ପଖାଳ ଦିବସ ପାଳନ କରାଯାଇଛି। ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ଅଙ୍କିତ ପଣ୍ଡା, ଓଡ଼ିଶା ରାଜ୍ୟ କୃଷକ ସଂଗଠନର ବ୍ଲକ ସଭାପତି ବୀରେନ୍ଦ୍ର କର, ଜନ କଲ୍ୟାଣ କୁଲିତା ସମାଜର ସଭାପତି ଦିବାକର ପଧାନ, କବି କୈଳାସ ମହାରଣା, ଲରମ୍ଭା କଲେଜର ଓଡ଼ିଆ ଅଧ୍ୟାପକ ଡ.ଅଜିତ ନାଥ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଆଞ୍ଚଳିକ ସାହିତ୍ୟ ପରିଷଦର ସଭାପତି ଦଶରଥ ଭୋଇ। ଗୀତିକାର ସରୋଜ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ କବି କେତନ ରଣା। ଏହି ଅବସରରେ ନାଟ୍ୟକାର କିଶୋର ଚନ୍ଦ୍ର ପାତ୍ରଙ୍କ ରଚିତ ସମ୍ବଲପୁରୀ ନାଟକ ପୁସ୍ତକ 'ଲରାସରା ପେଟେନ ଘରା'କୁ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଉନ୍ମୋଚନ କରିଥିଲେ। କବି ଦୁର୍ଲଭ ଗଡ଼ତିଆ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଏକାଠି ପଖାଳ ସାଙ୍ଗକୁ ବିଭିନ୍ନ ପ୍ରକାରର ପାରମ୍ପରିକ ବ୍ୟଞ୍ଜନ ଖିଆଯାଇଥିଲା। କାର୍ଯ୍ୟକ୍ରମରେ ସୁବାସ ପ୍ରଧାନ, ସୁରେନ୍ଦ୍ର କଠାର, ରାଜେଶ ପ୍ରଧାନ, ଦିଲୀପ ପ୍ରଧାନ, ଅରୁଣ ପ୍ରଧାନ, ସୁରେନ ପଧାନ, ଅରୁଣ ପଧାନ, ଅଶ୍ୱିନୀ ତ୍ରିପାଠୀ, ସମୀର ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# କଳସ ଶୋଭାଯାତ୍ରାରେ ସାମିଲ ହେଲେ ୨୭ ଯୋଡ଼ି କର୍ତ୍ତା

ଅତାବିରା, ୨୧।୩(ସମିସ)



ଅତାବିରା ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ତ୍ରିଦିନାତ୍ମକ ନବକୁଣ୍ଡିୟ ଗୀତା ଯଜ୍ଞ ଉପଲକ୍ଷେ ଶୁକ୍ରବାର ଦିନଠୁ ଆରମ୍ଭ ହୋଇଛି। ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଉତ୍ସବ ପାଇଁ ୨୭ଟି ଯୋଡ଼ିଙ୍କୁ କର୍ତ୍ତା କରାଯାଇଛି। ଶୁକ୍ରବାର ଏକ ଭବ୍ୟ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସ୍ଥାନୀୟ ବାବା ମଠରୁ କଳସ ଯାତ୍ରା ଅତାବିରା ଜଗନ୍ନାଥ ମନ୍ଦିର ନିକଟ ଯଜ୍ଞ ମଣ୍ଡପକୁ ଆସି ସ୍ଥାପିତ ହୋଇଥିଲା। ୨୭ ଯୋଡ଼ି କର୍ତ୍ତାଙ୍କ ସମେତ ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲା। କଳସ ସ୍ଥାପନ ପରେ ଯଜ୍ଞ ପୂଜା ଆରମ୍ଭ ହୋଇଥଲା। ୨୨ ତାରିଖ ଦିନ ସ୍ତମ୍ଭ ପୂଜନ, ଧ୍ୱଜଚକ୍ର କଳସ ପୂଜନ, ଶ୍ରୀରାଧାକୃଷ୍ଣଙ୍କ ସହସ୍ରୋପଚାର ପୂଜନ, କୁଣ୍ଡ ସଂସ୍କାର, କୁଣ୍ଡ ପୂଜନ ଓ ଚଣ୍ଡୀଯଜ୍ଞ ଏବଂ ୨୩ ତାରିଖ ଦିନ ଗୀତା ଯଜ୍ଞ, ବିଷ୍ଣୁସହସ୍ରନାମ ହବନ, ନୃସିଂହ ସହସ୍ରନାମ ହବନ, ପୂର୍ଣ୍ଣାହୁତି, ଭୋଗ, ଆଳତୀ, ଶ୍ରୀରାଧାକୃଷ୍ଣଙ୍କ ନଗର ପରିକ୍ରମା, ଶ୍ରୀରାଧାକୃଷ୍ଣଙ୍କ ରତ୍ନସିଂହାସନରେ ବିଜେ କଲା ପରେ ମହା ଆଳତୀ ପୂଜାବିଧି ରହିଛି। ପ୍ରତ୍ୟହ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ଅନ୍ନଭୋଗର କାର୍ଯ୍ୟକ୍ରମ ରହିଛି। ୨୧ ତାରିଖ ଗୋଶାଳା କ୍ରିଷ୍ଣା ପାର୍ଟି ଭଜନ ମଣ୍ଡଳି, ୨୨ ତାରିଖ ସଂଧ୍ୟାରେ ବନ୍ଦିତା ନାଏକଙ୍କ ପାରାୟଣ, ଡୁଙ୍ଗୁରିପାଲି ଦୀପା ନାଗଙ୍କ ମହିଳା ସଂକୀର୍ତ୍ତନ, ମହୁଲେ ବାବା କାଳେଶ୍ୱର ମହିଳା ଉଦଣ୍ଡ ସଂକୀର୍ତ୍ତନ ମଣ୍ଡଳୀର ଗାୟିକା ଅନିତା ସୁନାଙ୍କ କାର୍ଯ୍ୟକ୍ରମ, ଅତାବରା କୁରେଫୁଲ ସାଂସ୍କୃତିକ ଅନୁଷ୍ଠାନ କାର୍ଯ୍ୟକ୍ରମ ଓ ଆର୍କେଷ୍ଟ୍ରା କାର୍ଯ୍ୟକ୍ରମ ରହିଛି। ୨୩ ତାରିଖ ଦିନ ଓଁ ଜୟ ଶ୍ରୀରାମ କୃଷ୍ଣଗୁରୁ ଭଜନ ମଣ୍ଡଳୀ, ତଳାବିରାର ଗାୟିକା ପୁଷ୍ପାଞ୍ଜଳି ମେହେରଙ୍କ କାର୍ଯ୍ୟକ୍ରମ, ବନ୍ଦିତା ନାଏକଙ୍କ ପାରାୟଣ, ରାତିରେ ଆଶିଷ କୁମ୍ଭାର ଓ ସାଥୀଙ୍କ ସରଗମ ସିତାରା ଆର୍କେଷ୍ଟ୍ରା କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ମୀନାବଜାର ଯୋଗୁଁ ଲୋକଙ୍କ ଭିଡ଼ ବଢୁଥିବା ଦେଖିବାକୁ ମିଳିଛି।

# ଅସହାୟ ମେରୁଦଣ୍ଡ ରୋଗୀ ଶୁକ୍ରୁ ସରାଫ

**ପଦ୍ମପୁର, ୨୧।୩ (ସମିସ):** ପଦ୍ମପୁର ଉପଖଣ୍ଡ ସାପଲହର ଗ୍ରାମର ଶୁକ୍ରୁ ସରାଫ (୬୫) ମେରୁଦଣ୍ଡ ଜନିତ ରୋଗରେ ଆକ୍ରାନ୍ତ ହୋଇ



## ● ଆର୍ଥିକ ସହାୟତା ପାଇଁ ଆକୁଳ ନିବେଦନ

ଖଟରେ ପଡ଼ି ରହିଛନ୍ତି । ପରିବାରବର୍ଗ ଧାର କରଜ କରି ପଦ୍ମପୁର,ବରଗଡ଼, ଛତିଶଗଡ଼ ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା ମାଧ୍ୟମରେ ମେରୁଦଣ୍ଡ ଅପରେସନ କରାଇଥିଲେ । କିଛି ସୁଫଳ ମିଳିଲା ନାହିଁ, ଯନ୍ତ୍ରଣାରେ ଛଟପଟ ହୋଇ ଦୁର୍ବିସହ କଷ୍ଟ ଭୋଗୁଛନ୍ତି । ଅସହାୟ ପତ୍ନୀ, ଦିନ ମଜୁରିଆ ପୁଅ ପକ୍ଷେ ଔଷଧ କିଣିବା ସମ୍ଭବ ହେଉନାହିଁ । ଯଦ୍ୱାରା ଆବଶ୍ୟକ ଦୈନନ୍ଦିନ ଔଷଧ ପାଇଁ ଅର୍ଥ ବାଧକ ହୋଇଛି । ବର୍ତ୍ତମାନ ସେ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି । ଗରିବ ଲୋକ ହୋଇଥିବାରୁ ଚିକିତ୍ସା ଓ ଔଷଧ ନିମନ୍ତେ ଆର୍ଥିକ ସହାୟତା ପାଇଁ ଆକୁଳ ନିବେଦନ କରିଛନ୍ତି । ଏପରି ପରିସ୍ଥିତିରେ ଔଷଧ ଓ ଅଧିକ ଚିକିତ୍ସା ପାଇଁ କେହି ସହୃଦୟ ବ୍ୟକ୍ତି କିମ୍ବା ସରକାର ସାହାଯ୍ୟର ହାତ ବଢାଇଲେ ଆରୋଗ୍ୟ ଲାଭ କରିପାରନ୍ତେ ବୋଲି ଆକୁଳ ନିବେଦନ କରିଛନ୍ତି ।

# ଶୀତଳ ଷଷ୍ଠୀ ଯାତ୍ରା ଲାଗି ଲଗ୍ନ ନିର୍ଦ୍ଧାରିତ

**ବରପାଲି,୨୧ ।୩ (ସମିସ):**

ବରପାଲିରେ ୧୪୮ତମ ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ ପାଇଁ ଲଗ୍ନ ନିର୍ଦ୍ଧାରଣ କାର୍ଯ୍ୟକ୍ରମ ସମାପନ ହୋଇଯାଇଛି । ବରିଷ୍ଠ ଓ ବିଶିଷ୍ଟ ପଣ୍ଡିତଙ୍କ ଦ୍ୱାରା ଧାର୍ଯ୍ୟ କାର୍ଯ୍ୟକ୍ରମ ଅନୁସାରେ ଆସନ୍ତା ଏପ୍ରିଲ ୩୦ ତାରିଖ ଅକ୍ଷୟ ତୃତୀୟା ତିଥିରେ ଥାଳଉଠା ପର୍ବ ସମ୍ପନ୍ନ ହେବ । ଆସନ୍ତା ୨୭ ମଇ ଠାରୁ ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବର ଶୁଭାରମ୍ଭ ହୋଇ ୨ ଜୁନ ଦିନ ଯାତ୍ରା ମହୋତ୍ସବ ସମାପନ ହେବ ବୋଲି ସ୍ଥିରୀକୃତ ହୋଇଥିଲା । ସେହିପରି କାର୍ଯ୍ୟସୂଚୀ ଅନୁଯାୟୀ ମଇ ୨୭ ତାରିଖ ଜ୍ୟେଷ୍ଠ ଶୁକ୍ଳପକ୍ଷ ପ୍ରତିପଦାରୁ ଶିବ ବିବାହ ମହୋତ୍ସବର ଶୁଭାରମ୍ଭ ହୋଇ ବାବା କପିଳେଶ୍ୱର ମହାଦେବଙ୍କୁ ଯାତ୍ରା ମଣ୍ଡପକୁ ଆନୟନ ଶୋଭାଯାତ୍ରା ଓ ରାତ୍ରରେ ଭଣ୍ଡାର ଗୃହରେ ସଂସ୍ଥାପନ କରାଯିବ । ୨୮ ତାରିଖ ବୈଦିକ ରୀତିରେ ରୁଦ୍ରଯଜ୍ଞ ଶୁଭାରମ୍ଭ ଓ ସନ୍ଧ୍ୟାରେ ଯାତ୍ରା ମଣ୍ଡପରୁ



ହିମାଦ୍ରି ନଗରକୁ ଶୋଭାଯାତ୍ରା ବାହାରି ରାତ୍ରରେ କନ୍ୟା ମନୋନୟନ ଓ ସ୍ୱୀକୃତି ପ୍ରଦାନ କାର୍ଯ୍ୟକ୍ରମ ସମ୍ପନ୍ନ ହେବ । ୨୯ତାରିଖ ରାତ୍ରରେ ଭୈରବ ବାବାଙ୍କ ନିମନ୍ତ୍ରଣରେ ଭୈରବ ବୁଲା ଶୋଭାଯାତ୍ରା ପରିକ୍ରମା, ୩୦ ତାରିଖରେ ବିଗତ ବର୍ଷର ହିମାଦ୍ରୀ ନଗର ଅଭିମୁଖେ ଶୋଭାଯାତ୍ରା ବାହାରି ଗଣ୍ଠିଆଳ ଫିଟା କାର୍ଯ୍ୟକ୍ରମ ସହ ଭଣ୍ଡାର ଗୃହରେ ତେଲ ହଳଦି, ଅଳଙ୍କାର ଧାରଣ ପାଇଁ ହିମାଦ୍ରୀ ନଗର ପରିସରରେ ଶୋଭାଯାତ୍ର ପହଞ୍ଚିବ । ବରଧରା ପର୍ବ ସମାପନ ପରେ ରାତ୍ର ସମୟରେ ବରଯାତ୍ରା ଶୋଭାଯାତ୍ରା ମାଧ୍ୟମରେ ଶ୍ରୀ ଶ୍ରୀ କପିଳେଶ୍ୱର ବାବାଙ୍କ ବରାନୁଗମନ । ହିମାଦ୍ରିନଗରରେ କନ୍ୟା ପକ୍ଷରୁ ବାଟ ବରଣ ପର୍ବ ପାଳିତ ହେବ । ୩୧ ଜୁନ ବିବାହ ପାଣିଗ୍ରହଣ ପରେ ଶିବ ପାର୍ବତୀଙ୍କ ବୈଠକି

## ● ମଇ ୨୭ରୁ ଜୁନ୍ ୨ ଯାତ୍ରା ମହୋତ୍ସବ

ଯାତ୍ରା । ଜୁନ ୧ ତାରିଖ ହାକରାଭାର ଶୋଭାଯାତ୍ରା ସହ ନିମନ୍ତ୍ରଣ ଓ ରୁଦ୍ରଯଜ୍ଞ ପୂର୍ଣ୍ଣାହୁତି ଏବଂ ଜଗତ ଜନନୀ ମା' ପାର୍ବତୀଙ୍କ ଶ୍ୱଶୁରାଳୟକୁ ଆଗମନ, ଯାତ୍ରା କମିଟି ପକ୍ଷରୁ ଶତ ଆରତୀ ସମ୍ବର୍ଦ୍ଧନା, ପରେ ଲମ୍ବାନୀ ଶୋଭାଯାତ୍ରା ଓ ଶ୍ରୀ ଶ୍ରୀ କପିଳେଶ୍ୱର ବାବା ଓ ଜଗତ ଜନନୀ ମାତା ପାର୍ବତୀଙ୍କ ନଗର ପରିକ୍ରମା । ୨ ଜୁନ ଶିବ ପାର୍ବତୀଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା, ରାଜବାଟି ଠାରେ ମହତି ଭୋଗ ଅର୍ପଣ ଓ ସନ୍ଧ୍ୟା ସମୟରେ ଶିବ ପାର୍ବତୀଙ୍କ ମନ୍ଦିର ପ୍ରବେଶ ଓ ଯାତ୍ରା ସମାପନ କାର୍ଯ୍ୟକ୍ରମ ହେବ ।

## ● ଶିଶୁ ବାଟିକାରେ ନାମଲେଖା

# ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣପତ୍ର ବାଣ୍ଟିଲେ ଶିକ୍ଷକ ଶିକ୍ଷୟିତ୍ରୀ

**ବରଗଡ଼,୨୧। ୩(ସମିସ):** ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ରାଜ୍ୟରେ ପ୍ରଥମ ଥର ପାଇଁ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ ହେବ । ଏଥିପାଇଁ ଖଡ଼ିଛୁଆଁ ଓ ଶିଶୁ ବାଟିକାର ଶୁଭାରମ୍ଭ ଏପ୍ରିଲ ୨ ତାରିଖରୁ ହେବ । ଯୋଗ୍ୟ ବିବେଚିତ ପିଲାଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବାଣ୍ଟିଛନ୍ତି । ଏହି କ୍ରମରେ ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ସାଧନ କେନ୍ଦ୍ର ବୈତାଳି ପକ୍ଷରୁ ସିଆରସିସି ଦିବସ କୁମାର ସାହୁଙ୍କ ସମେତ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସବିତା ଧରୁଆ ,ସହକାରୀ ଶିକ୍ଷକ ରିଙ୍କୁ ମହାମଲ୍ଲିକ ତଥା ବିଦ୍ୟାଳୟ କ୍ୟାବିନେଟ ମନ୍ତ୍ରୀ ଝରଣା ସାହୁ ଘରକୁ ଘର ଯାଇ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବାଣ୍ଟିଥିଲେ । ପ୍ରକାଶଥାଉ କି, ସମଗ୍ର ଶିକ୍ଷା ବରଗଡ଼ ଆନୁକୂଲ୍ୟରେ ଜିଲ୍ଲାର ସରକାରୀ ବିଦ୍ୟାଳୟମାନଙ୍କ ରେ ୫ ବର୍ଷରୁ ଅଧିକ ଶିଶୁ ମାନଙ୍କର ଶିଶୁବାଟିକା ଓ ୬ ବର୍ଷରୁ ଅଧିକ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଅଭିଭାବକଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବଣ୍ଟନର ଶୁଭାରମ୍ଭ ହୋଇଛି ।



# ହନୁମାନ ଜନ୍ମୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ



**ଭଟ୍ଲି,୨୧ ।୩(ସମିସ):** ଭଟ୍ଲିରେ ଆସନ୍ତା ଏପ୍ରିଲ ୧୪ ତାରିଖ ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ହନୁମାନଙ୍କ ଜନ୍ମୋତ୍ସବ ପାଳନ ପାଇଁ ସ୍ଥାନୀୟ ଟାଉନ ହଲ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ହନୁମାନ ଜୟନ୍ତୀ ସମନ୍ୱୟ କମିଟି ଆହ୍ୱାନ କ୍ରମେ ଆୟୋଜିତ ଏହି ସର୍ବଦଳୀୟ ବୈଠକରେ ଆସନ୍ତା ଏପ୍ରିଲ ୧୪ ତାରିଖ ଦିନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ଉକ୍ତ ଦିନ ଅପରାହ୍ନ ୫ଘଟିକାରେ ରଥାଦାଣ୍ଡ ପଡ଼ିଆରେ ସାମୂହିକ ହନୁମାନ ଚାଳିଶା ପାଠ କରାଯିବାକୁ ପ୍ରସ୍ତାବ ଗୃହୀତ ହେଲା । ଏହାପରେ ସୁସଜ୍ଜିତ ରଥରେ ରାମ, ଲକ୍ଷ୍ମଣ, ହନୁମାନଙ୍କୁ ବସାଇ ଘଣ୍ଟବାଦ୍ୟ, ପଞ୍ଚବାଦ୍ୟ, ବ୍ୟାଣ୍ଡ, ସଂକୀର୍ତ୍ତନ ଏବଂ ବିଭିନ୍ନ ସାଂସ୍କୃତିକ ଦଳ ସହ ଏକ ବିଶାଳ ଶୋଭାଯାତ୍ରା ବିଜୟା ଛକଠାରୁ ବାହାରି କୁସନପୁରୀ ଜଗନ୍ନାଥ ମନ୍ଦିର ହୋଇ ବସଷ୍ଟାଣ୍ଡ ବରଗଡ଼ ରୋଡରୁ ଫେରି ଦଧିବାମନ ମନ୍ଦିର ପର୍ଯ୍ୟନ୍ତ ଯିବାପାଇଁ ସ୍ଥିରୀକୃତ ହୋଇଥିଲା । ବାଟରେ ପଡୁଥିବା ବିଭିନ୍ନ ହନୁମାନ ମନ୍ଦିର ମାନଙ୍କରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯିବାକୁ ପ୍ରସ୍ତାବ ଗୃହୀତ ହେଲା । ଶୋଭଯାତ୍ରା ପରେ ସମସ୍ତେ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରିବା ପାଇଁ ସ୍ଥିରୀକୃତ ହେଇଥିଲା । କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଆୟୋଜନ ପାଇଁ ବିଭିନ୍ନ କମିଟି ମାନ ଉକ୍ତ ବୈଠକରେ ଗଠନ କରାଗଲା । ସଭାପତି ଆଇନଜ୍ଞ ମନୋଜ କୁମାର ରଥ ହୋଇଥିବା ବେଳେ ସମ୍ପାଦକ ରମାକାନ୍ତ ପଣ୍ଡା ଏବଂ କୋଷାଧ୍ୟକ୍ଷ ଭାବରେ ଦେବାଶିଷ ନାଏକ ଓ ଚକା ନାୟକଙ୍କୁ ଦାୟିତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା ପାଇଁ ଏକ ଉପଦେଷ୍ଟା କମିଟି ପ୍ରହ୍ଲାଦ ପଧାନ, ମନୋଜ ରଥ, ସୁରେନ୍ଦ୍ର ମୋହନ ଅଗ୍ରୱାଲ, ରାମ ଚନ୍ଦ୍ର ତନସନା, ବ୍ରଜକିଶୋର ସାହୁ, ନରେଶ କୁମାର ଅଗ୍ରୱାଲ, ସୁଶାନ୍ତ ପଧାନ, ରାଧେ ଶ୍ୟାମ ପଣ୍ଡା, ରୂପସିଂହ ଅଗ୍ରୱାଲ, ଝସକେତନ ସାହୁ ଏବଂ ଦୁର୍ଗା ପ୍ରସାଦ ଅଗ୍ରୱାଲଙ୍କୁ ନେଇ ଗଠିତ ହେଇଥିଲା । ଖାଦ୍ୟ ପାନୀୟ କମିଟିରେ ସୁମନ୍ତ ଶତପଥି, ଚକା ନାଏକ, ସଞ୍ଜୀବ କୁମାର ଖମାରୀ, ସନ୍ତୋଷ ମେହେର ଏବଂ ରଞ୍ଜନ କୁମାର ନାୟକଙ୍କୁ ଦାୟିତ୍ୱ ଦିଆଯାଇଥିଲା ।

# ମାଣ୍ଡୋସିଲରେ ଲାଗିଲା ବିଏସ୍ଏନ୍ଏଲ୍ ୪-ଜି ସେବା

**'ସକାଳ' ପ୍ରଭାବ**

ମାଣ୍ଡୋସିଲ,୨୧ ।୩(ସମିସ) : ପାଇକମାଳ ବ୍ଲକ ମାଣ୍ଡୋସିଲରେ ଜାନୁଆରୀ ୧୯ରେ ଦୈନିକ ଖବରକାଗଜ 'ସକାଳ'ରେ ମାଣ୍ଡୋସିଲ ଓ ବରତୁଣ୍ଡାରେ କେବେ ୪ଜି ସେବା ଲାଗିବ, ଏନେଇ ଖବର ପ୍ରକାଶ ପାଇଥିଲା । ବିଏସଏନଏଲ କର୍ତ୍ତୃପକ୍ଷ ତତ୍ପରତା ଦେଖାଇ ୨ ମାସ ବ୍ୟବଧାନରେ ଗୁରୁବାର ଠାରୁ ବିଏସଏନଏଲ ୪-ଜି ସେବା ଆରମ୍ଭ କରିଛନ୍ତି । ସୂଚନାଯୋଗ୍ୟ, ମାଣ୍ଡୋସିଲରେ ବହୁ ଦିନରୁ ବିଏସଏନଏଲ ଟାୱାର ଅଛି, ହେଲେ ୨ଜି ଇଣ୍ଟରନେଟ ଚାଲୁଥିଲା । ସେହିପରି ବରତୁଣ୍ଡାରେ ମଧ୍ୟ ନୂତନ ବିଏସଏନଏଲ ଟାୱାର ଅଛି, ହେଲେ ଏନେଇ ୪ଜି ଚାଲୁ ନଥିବାରୁ ୪ ଜି ସେବା ପାଇଁ ଦାବି ହୋଇଛି ।

# ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ

ବରଗଡ଼,୨୧। ୩(ସମିସ): ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ଦୁଇଦିନିଆ ବିକଶିତ ଭାରତ ଯୁବ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ସଭାମୁଖ୍ୟ ପ୍ରଫେସର ଡକ୍ଟର ନକୁଳ ସେଠ୍ ଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବରଗଡ଼, ସୋନପୁର ଏବଂ ବଲାଙ୍ଗିର ଜିଲ୍ଲାର ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଯଥାକ୍ରମେ ବବିତା ଷଡ଼ଙ୍ଗୀ, ଡକ୍ଟର ମନୋରଞ୍ଜନ ଘଡ଼େଇ ଏବଂ ଡକ୍ଟର ଅଜିତ୍ କୁମାର ଭୋଇ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରଫେସର ଡକ୍ଟର ଉମେଶ ଚନ୍ଦ୍ର ମହାପାତ୍ର ନିମନ୍ତ୍ରିତ ହୋଇଥିଲେ । ‹ଓ୍ୱାନ୍ ନେଶନ୍ ଓ୍ୱାନ୍ ଇଲେକ୍ସନ - ପେଭିଙ୍ଗ୍ ଦି ଓ୍ୱେ ଅଫ୍ ବିକଶିତ୍ ଭାରତ› ବିଷୟ ଆଧାରିତ ପ୍ରତିଯୋଗିତାରେ ତିନୋଟି ଜିଲ୍ଲାର ମୋଟ ୭୫ ଜଣ ପ୍ରତିଯୋଗୀ ଭାଗନେଇଥିଲେ ।

# ପ୍ରାଣୀମିତ୍ର ରୋହିତ ଭୋଇଙ୍କ ଅକାଳ ବିୟୋଗ



ଝାରବନ୍ଧ, ୨୧।୩(ସମିସ): ବିଲାସପୁର ଗ୍ରାମର ପ୍ରାଣୀମିତ୍ର ରୋହିତ ଭୋଇଙ୍କ ୪୦ ବର୍ଷରେ ପରଲୋକ ହୋଇଯାଇଛି । ଦୀର୍ଘ ୧୦ ବର୍ଷରୁ ଅଧିକ ହେବ କଲ୍ୟାଣୀ ପ୍ରକଳ୍ପରେ ପ୍ରାଣୀମିତ୍ର ଭାବରେ ସେ କାମ କରିଥିଲେ । କିଛିଦିନ ପୂର୍ବରୁ ତାଙ୍କର ଚୁକ୍ତି ସମାପ୍ତ ହୋଇଥିବାରୁ ପୁଣି ତାକୁ କାର୍ଯ୍ୟକ୍ଷମ କରିବାକୁ ଭୁବନେଶ୍ୱର ଯାଉଥିଲେ । ଆଠଗଡ଼ ଠାରେ ହୃଦଘାତ ଜନିତ ମୃତ୍ୟୁ ହୋଇଥିଲା । ତାଙ୍କର ସ୍ତ୍ରୀ,ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ପୁଅ ଦୁଷ୍ମନ୍ତ ମୁଖାଗ୍ନି ଦେଇଥିଲେ ।

# ମା' କରମସାନି ଓ ଦକ୍ଷିଣକାଳି ମନ୍ଦିରର ପ୍ରାଣ ପ୍ରତିଷ୍ଠା

ବରଗଡ଼,୨୧ ।୩(ସମିସ): ବରଗଡ଼ ବ୍ଲକ ଅନ୍ତର୍ଗତ ବିର୍ମାଲ ଗ୍ରାମ ପଞ୍ଚାୟତର ପୋଡ଼ମୁଣ୍ଡା ଠାରେ ମା' କରମସାନୀ ଓ ଦକ୍ଷିଣକାଳୀ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାବଣ ଦରବାରର ଶୁଭ ଉଦଘାଟନ କରାଯାଇଥିବା ବେଳେ ମଞ୍ଚ ପରିଚାଳନା କ୍ଷୀରୋଦ୍ର ସାହୁ କହିଥିଲେ । ବିର୍ମାଲ ସରପଞ୍ଚ ସୁଷମା ଆଚାର୍ଯ୍ୟ ଫିତା କାଟି ଶୁଭ ଉଦଘାଟନ କରିଥିଲେ । ନିମନ୍ତ୍ରିତ ଅତିଥି ଭାବେ କଳାପାଣି ସରପଞ୍ଚ ପ୍ରତିନିଧି, ଡୁମେରପାଲି ସରପଞ୍ଚ ଯୋଗେଶ୍ୱର ସାହୁ ,ଡୁମଗାଁ ସରପଞ୍ଚ ପ୍ରତିନିଧି ସହଦେବ ପ୍ରଧାନ, ଖଣ୍ଡହତା ସରପଞ୍ଚ ଚିତ୍ରସେନ ମେହେର , ଧାଙ୍ଗେର ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ ଭୋଇ,ଗାଇସୀମା ସରପଞ୍ଚ ଧୀରେନ୍ ମହାପାତ୍ର,ଖୁଣ୍ଟପାଲି ସରପଞ୍ଚ ବେଲାର ସେନ ମେହେର, ନିଲେଶ୍ୱର ସରପଞ୍ଚ ନିରଞ୍ଜନ ମଲିକ, ସମିତି ସଭ୍ୟ ସଂଯୁକ୍ତା ଭୋଇ, ଜିଲ୍ଲା ପରିଷଦ ପ୍ରଭାସିନୀ ପ୍ରଧାନ, ୱାର୍ଡ଼ ମେମ୍ବର ତୁଲାରାମ ଭୁଏ , ୱାର୍ଡମେମ୍ବର ଜକ୍ତ ସାହୁ, ସମାଜସେବୀ ଧର୍ମରାଜ ଭୋଇ, ଯୁବନେତା ତାପସ ଦାଶ, ବିର୍ମାଲ୍ ନାଏବ ସରପଞ୍ଚ କୈଳାସ ସା ଓ ସମାଜସେବୀ ନିର୍ମଳ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ ।

# ଜୁନିଅର ରେଡ୍କ୍ରସ୍ ଆନୁକୂଲ୍ୟରେ ରକ୍ତଦାନ ଶିବିର

ବରଗଡ଼,୨୧। ୩(ସମିସ): ବରଗଡ଼ ଜିଲ୍ଲା ଜୁନିଅର ରେଡକ୍ରସ୍ ଆନୁକୂଲ୍ୟରେ ଅମ୍ବାପାଲି ସ୍ଥିତ ସମଲେଶ୍ୱରୀ ହାଇସ୍କୁଲରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜିଲ୍ଲାର ୩୬ ଜଣ ଜୁନିଅର ରେଡକ୍ରସ୍ କାଉନସିଲର ରକ୍ତଦାନ କରିଥିଲେ । ଜିଲ୍ଲାର ରେଡକ୍ରସ ଅଧିକାରୀ ହେମନ୍ତ କୁମାର ସାମଲଙ୍କ ସମେତ, ବରିଷ୍ଠ ସାଧନ କର୍ମୀ ଦ୍ୱାଦଶ କୁମାର ପଧାନ, ଧର୍ମରାଜ ପ୍ରଧାନ, ଡିଲେଶ୍ୱର୍ ସାହୁ , ସେବା ବିନିମୟୀ ଯୁକ୍ତା ବାରିକ ତଥା ଜିଲ୍ଲାର ବିଭିନ୍ନ ବ୍ଲକରୁ ଯୋଗ ଦେଇଥିବା କାଉନସିଲରଙ୍କ ମଧ୍ୟରେ ସଞ୍ଜୟ ଖମାରୀ,ଏମପି ଜ୍ୟୋତିପ୍ରକାଶ, କୃଷ୍ଣଚନ୍ଦ୍ର ପୋଡ଼, ଆନନ୍ଦିନୀ ସେଠ ପ୍ରମୁଖ ରକ୍ତଦାନ କରିଥିଲେ ।

# ଏସ୍ବିଆଇ ଏଟିଏମ୍ ଅଚଳ

ମେଲଛାମୁଣ୍ଡା,୨୧। ୩(ସମିସ): ଘେଁସରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏଟିଏମ୍ ଦୀର୍ଘଦିନଠାରୁ ଅଚଳ ହୋଇ ପଡ଼ିଛି । ଯଦ୍ୱାରା ଏଟିଏମ୍ କାର୍ଡଧାରୀ ଏଟିଏମ୍ ରୁ ଟଙ୍କା ଉଠାଇ ପାରୁନାହାନ୍ତି । ଦୀର୍ଘ ୩ମାସ ରୁ ଊର୍ଦ୍ଧ୍ୱ ହେଲା ଏସ ବି ଆଇ ଏଟିଏମ୍ ମେସିନ୍ ଅଚଳ ହେଇଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ଏନେଇ ଧ୍ୟାନ ଦେଉ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଘେଁସ ଠାରେ ଏସବିଆଇର ଗୋଟିଏ ମାତ୍ର ଏଟିଏମ୍ ରହିଥିବାରୁ ଏଟିଏମ୍ କାର୍ଡ଼ଧାରୀ ଙ୍କୁ ଏଟିଏମ୍ ରୁ ଟଙ୍କା ଉଠାଇବା ନିମନ୍ତେ ୧୫ ରୁ ୨୦ କିଲୋମିଟର ଦୂର ଯିବାକୁ ପଡୁଛି । ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ବରିଷ୍ଠଙ୍କୁ ସାକ୍ଷାତ ଅଭିଯାନ

ବରଗଡ଼, ୨୧। ୩(ସମିସ): ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି । ପରିପ୍ରେକ୍ଷୀରେ ସଭାପତି ପ୍ରମୋଦ ଝଙ୍କରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବରପାଲି ଯାଇ ବିଶିଷ୍ଟ ସମାଜସେବୀ ତଥା ଜିଲ୍ଲା ବରିଷ୍ଠ ନାଗରିକ ସଂଘର ଆଜୀବନ ସଦସ୍ୟ ମୋତିଲାଲ ଅଗ୍ରୱାଲଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଥିଲେ । ଏହି ସ୍ମରଣୀୟ ସାକ୍ଷାତକାରରେ ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ଦାଶ , କେଦାର ମିଶ୍ର, ପ୍ରସନ୍ନ ପ୍ରଧାନ, ସୁରେନ୍ଦ୍ର ମୋହନ ଚାନ୍ଦ ଆଦି କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ଏପ୍ରିଲ ୨ରେ ଶିଶୁ ବାଟିକା ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ

**ବରଗଡ଼,୨୧ ।୩(ସମିସ):** ଆସନ୍ତା ଏପ୍ରିଲ ୨ ତାରିଖ ପ୍ରତ୍ୟେକ ବିଦ୍ୟାଳୟରେ ଶିଶୁ ବାଟିକା ପାଇଁ ହେବ ଖଡ଼ିଛୁଆଁ ପର୍ବ ଓ ପ୍ରବେଶ ଉତ୍ସବ । ଏଥିପାଇଁ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ନିମନ୍ତ୍ରଣ ପତ୍ର ବଣ୍ଟନ କରୁଥିବା ପରିପ୍ରେକ୍ଷୀରେ ଶୁକ୍ରବାର ବରଗଡ଼ ବ୍ଲକ ସରସରା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ପରିଦର୍ଶନ କରି ଉକ୍ତ ଗ୍ରାମରେ ପହଞ୍ଚି ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀଙ୍କୁ



ଭେଟିଛନ୍ତି । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ, ବରଗଡ଼ ବିଡିଓ ବ୍ରେଶିୟୁଶ ଡୁଙ୍ଗଡୁଙ୍ଗ,ବ୍ଲକ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁଙ୍କ ସମେତ ସମଗ୍ର ଶିକ୍ଷାର ସମସ୍ତ

## ଜିଲ୍ଲାରେ ନାମ ଲେଖାଇବେ ୧୭୨୧୩ ଛାତ୍ରଛାତ୍ରୀ

ପଦାଧିକାରୀବୃନ୍ଦ ଓ ସ୍ଥାନୀୟ ସିଆରସିସି ଉପସ୍ଥିତ ରହି ନିମନ୍ତ୍ରଣ ପତ୍ର ବଣ୍ଟନ କରିଛନ୍ତି । ଜିଲ୍ଲା ୧୨ ବ୍ଲକରେ ୫ ବର୍ଷ ଯୁକ୍ତ ବୟସ ଧାରୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୦୪୯୪ ରହିଥିବା ବେଳେ ୬ ବର୍ଷ ଯୁକ୍ତ ବୟସ ଧାରୀ ୬୭୧୯ ଜଣଙ୍କୁ ମିଶାଇ ଜିଲ୍ଲାରେ ସର୍ବମୋଟ ୧୭୨୧୩ ଜଣ ଛାତ୍ରଛାତ୍ରୀ ଶିଶୁ ବାଟିକାରେ ନାମ ଲେଖାଇବା ପାଇଁ ଅଛନ୍ତି ।

# ମାର୍ଚ୍ଚ ୨୭ରେ କଂଗ୍ରେସର ବିଧାନସଭା ଘେରାଉ



**ବରଗଡ଼,୨୧। ୩(ସମିସ):** ବରଗଡ଼ ଜିଲ୍ଲା କଂଗ୍ରେସ କମିଟି ସଭାପତି ହରଦୀପ ସିଂହଙ୍କ ସଭାପତିତ୍ୱରେ ଗୁରୁବାର ସନ୍ଧ୍ୟାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ସର୍କିଟ ହାଉସଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେଲା । ଓଡ଼ିଶାର ମହିଳା ଚାଲାଣ, ଗଣଦୁଷ୍କର୍ମ, ବଳାତ୍କାର ଆଦି ତସ୍କରି କାର୍ଯ୍ୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା କାରଣରୁ ବରିଷ୍ଠ କଂଗ୍ରେସ ବିଧାୟକ ସମ୍ମାନୀୟ ତାରା ପ୍ରସାଦ ବାହିନୀପତିଙ୍କୁ ବିଧାନସଭା ଭଳି ପବିତ୍ର ଗୃହରେ ଶାରୀରିକ ଆକ୍ରମଣ କରିବା ଏବଂ ପରବର୍ତ୍ତୀ ସମୟରେ ୭ ଦିନ ପାଇଁ ନିଲମ୍ବନ କରିବା ପ୍ରତିବାଦରେ ଆସନ୍ତା ମାର୍ଚ୍ଚ ୨୭ ଦିନ ବିଧାନସଭା ଘେରାଉ ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଗଲା । ଏଥି ସକାଶେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ମହମ୍ମଦ ଅକବର ଖାନ୍ ଏବଂ ପ୍ରବକ୍ତା ଘାସିରାମ ମାଝି ଯୋଗଦାନ କରିଥିଲେ ।

# ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ମେଲଛାମୁଣ୍ଡା,୨୧।୩(ସମିସ):** ମେଲଛାମୁଣ୍ଡା ନିକଟସ୍ଥ ବିଜାପାଲି ଗ୍ରାମରେ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ପାଞ୍ଚଦିନ ଧରି ଚାଲିଥିବା ଏହି ଉତ୍ସବର ପ୍ରଥମ ଦିନରେ ପଣ୍ଡିତ ସୁକନ୍ଧ ପୁରୋହିତ ଓ ଅଶୋକ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ରତ୍ନମୁଦକ ଓ ଅଙ୍କୁରାରୋପଣ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା । ଦ୍ୱିତୀୟ ଦିବସରେ କଳସ ଶୋଭାଯାତ୍ରା ସହ ମଣ୍ଡଳକରଣ ହୋଇଥିଲା । ତୃତୀୟ ଦିବସରେ ବଜରଙ୍ଗବଳୀ ହନୁମାନଙ୍କ ପୂଜାରମ୍ଭ ସହ ଗୋପୂଜା,ସୂର୍ଯ୍ୟପୂଜା,ଶାଳାପ୍ରତିଷ୍ଠା, କୁପପୂଜା,ଧାନ୍ୟାନିବାସ,ଅଗ୍ନିସଂସ୍କାର,ଦେବତା ମହାସନ୍ନ ଯଜ୍ଞସ୍ଥାପନ,ଆଦି ପୂଜାବିଧି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଉତ୍ସବର ଚତୁର୍ଥ ଦିନରେ ପ୍ରାଣପ୍ରତିଷ୍ଠା, ଉପଚାର ପୂଜା,ହନୁମାନ ଚାଳିଶା ପାଠ,ଚଣ୍ଡୀପାଠ, ହବନ ଆଦି ପୂଜାକାର୍ଯ୍ୟ ହୋଇଥିବାବେଳେ ଶେଷ ଦିନରେ କୁପ ସ୍ଥାପନ,ଧ୍ୱଜ କଳସ ସ୍ଥାପନ ଓ ବଜରଙ୍ଗବଳୀ ହନୁମାନ ମହାପ୍ରଭୁଙ୍କ ମନ୍ଦିର ପ୍ରବେଶ କରାଯାଇ ପୂର୍ଣ୍ଣାହୁତି ପଡ଼ିଥିଲା । ଲଲାଟେନ୍ଦୁ ଦଳପତି ସପତ୍ନୀ ବିରଜା ଦଳପତି ଏବଂ ରାଜେଶ ଦଳପତି ସପତ୍ନୀ ପୁଷ୍ପରାଜ ଦଳପତି ମୁଖ୍ୟକର୍ତ୍ତା ଦାୟିତ୍ୱ ତୁଲାଇଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ

**ବରଗଡ଼,୨୧। ୩(ସମିସ):** ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ-୨୦୨୫ ସ୍ଥାନୀୟ ବିଜୁ ପଟ୍ଟନାୟକ ହଲଠାରେ ବରଗଡ଼ ଜିଲ୍ଲା ବନଖଣ୍ଡ ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଜିଲ୍ଲା ବନଖଣ୍ଡ ଅଧିକାରୀ ବିକ୍ରମଦେବ ପଟ୍ଟନାୟକ, ସମ୍ବଲପୁର ଆଞ୍ଚଳିକ ବନ ସଂରକ୍ଷଣ ଅଧିକାରୀ ଟି. ଅଶୋକ କୁମାର, ବିଭିନ୍ନ ବିଭାଗର ଅଧିକାରୀଗଣ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ । ବିଭାଗ ତରଫରୁ ଆୟୋଜିତ ୫ କିମି ମାରାଥନ ଦୌଡ଼ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବିଭାଗରେ କାର୍ଯ୍ୟରତ ଫରେଷ୍ଟର ଓ ଫରେଷ୍ଟ ଗାର୍ଡଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ ।



# ଅନ୍ଧାରରେ ବିଜେପୁର; ରାସ୍ତା କଡ଼ରେ ପଡ଼ିଛି ବିଦ୍ୟୁତ୍ ଖୁଣ୍ଟ

**ବିଜେପୁର,୨୧।୩(ସମିସ) :**

ବରଗଡ଼ ଜିଲ୍ଲା ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ହେବା ପରେ ସବୁଠାରେ ଷ୍ଟିଟ ଲାଇଟ୍ ଲାଗିଥିଲା । କିନ୍ତୁ ଏବେ ବିଜେପୁର ଅନ୍ଧାରରେ ରହୁଛି । ବସ୍ତି ଭିତରେ କେତେକ ସ୍ଥାନରେ ଆଲୁଅ ଜଳୁନାହିଁ । ଅନେକ ସ୍ଥାନରେ ଷ୍ଟ୍ରିଟ ଲାଇଟ ଅଚଳ ହେବା ପରେ ମରାମତି ନ ହୋଇ ପଡ଼ିରହୁଛି । ବିଜେପୁର- ବରଗଡ଼ ମୁଖ୍ୟ ରାସ୍ତାର ସଂପ୍ରସାରଣ କାମ ହେବା ସମୟରେ



ଏମ୍.ଗଣ୍ଡପାଲି ଛକରୁ ଅଗ୍ନିଶମ କାର୍ଯ୍ୟାଳୟ ନିକଟସ୍ଥ କଲେଜ ଛକ ପର୍ଯ୍ୟନ୍ତ ଶହ ଶହ ଷ୍ଟିଟ ଲାଇଟ ଓପଡ଼ା ଯାଇଥିଲା । ଲକ୍ଷାଧିକ ଟଙ୍କାର ପୋଲ ଗୁଡିକ ଅସୁରକ୍ଷିତ ଅବସ୍ଥାରେ ରାସ୍ତା କଡ଼ରେ ପଡ଼ିରହିଛି । ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇ ପାରିନାହିଁ । ଅର୍ଥ ବ୍ୟବସ୍ଥା ହୋଇ ନ ପାରିବାରୁ କାମ ଆଗେଇ ପାରୁନାହିଁ ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି । ଏନେଇ ବିଜେପୁର ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ ଗଡ଼ତିଆ କହିଛନ୍ତି ଯେ, ବିଜେପୁରରେ ଏନ୍ଏସି ହୋଇଛି ସତ କିନ୍ତୁ ଏନ୍ଏସିର ସମସ୍ତ ସୁବିଧା ଏ ପର୍ଯ୍ୟନ୍ତ ମିଳିପାରିନାହିଁ । ସାମାଜିକ କର୍ମୀ ଅଜିତ କୁମାର ମେହେର କହିଛନ୍ତି ଯେ, ବିଜେପୁର ଏନ୍ଏସି ଗଠନ ଲୋକଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଥିଲା, କିନ୍ତୁ ଏବେ ବିଜେପୁର ସହର ଅନ୍ଧକାରରେ ରହିବା ଦୁର୍ଭାଗ୍ୟର କଥା । ସେହିପରି ବିଜେପୁର ବାସିନ୍ଦା ମୃଣାଳ ମେହେର କହିଛନ୍ତି ଯେ, ଷ୍ଟ୍ରିଟ ଲାଇଟ ଅଭାବରୁ ସଂଧ୍ୟା ହୋଇଗଲେ ବିଜେପୁର ସହର ଏବଂ ମୁଖ୍ୟ ରାସ୍ତା ଅନ୍ଧାର ହୋଇଯାଉଛି । ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ଶିକାର ହେଉଛନ୍ତି । ଛୋଟ ବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି । ତେଣୁ ଏହି ସମସ୍ୟାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଗମ୍ଭୀରତାର ସହିତ ନେବାକୁ ଦାବି ହୋଇଛି ।

## ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଦେବଗଡ଼, ୨୧।୩(ସମିସ):ବିଜେପି କାର୍ଯ୍ୟାଳୟରେ ଶୁକ୍ରବାର ପୂର୍ବତନ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱ ରେ ଆୟୋଜିତ ଶୋକସଭାରେ ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା ସଭାପତି ମୀନକେତନ ପ୍ରଧାନ, ସାଧାରଣ ସମ୍ପାଦକ ରଞ୍ଜିତ କୁମାର ପଟେଲ, ସମସ୍ତ ଉପସଭାପତି, ସମସ୍ତ ମଣ୍ଡଳ ସଭାପତି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଯୋଗେଶ ପ୍ରଧାନ ଯୁବନେତା ଭୋଳେଶ୍ୱର ପ୍ରଧାନ, ସୁଧୀର କୁମାର ବ୍ରହ୍ମା, ପୌର ପରିଷଦର ସମସ୍ତ ବିଜେପି ପାରିଷଦ, ବରିଷ୍ଠ ନେତା ସୁଧୀର କପରଦାର, କୃଷକ ସମାଜ ସମ୍ପାଦକ ଚୂଡ଼ାମଣି ପ୍ରଧାନ ଓ ଜିଲ୍ଲାର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତି ଚାରଣ କରିଥିଲେ।

## ଥଣ୍ଡା ପାନୀୟ ଜଳ ପଏଣ୍ଟ ଅଚଳ

ଦେବଗଡ଼, ୨୧।୩(ସମିସ):ବାରକୋଟ ବ୍ଲକ ମୁଖ୍ୟାଳୟରେ ଥିବା ୨ଟି ଥଣ୍ଡା ପାନୀୟ ଜଳ ପଏଣ୍ଟ ଦୀର୍ଘ ଦିନ ହେବ ଅଚଳ ହୋଇପଡ଼ିଛି। ବାରକୋଟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଓ ବସଷ୍ଟାଣ୍ଡ ଠାରେ ଜନସାଧାରଣଙ୍କ ନିମନ୍ତେ ଥଣ୍ଡା ପାନୀୟ ଜଳ ପାଇଁ ପଏଣ୍ଟ ସ୍ଥାପନ କରାଯାଇଥିଲା। ମାତ୍ର ରକ୍ଷଣା ବେକ୍ଷଣ ଅଭାବରୁ ଉକ୍ତ ଦୁଇଟି ସ୍ଥାନର ଥଣ୍ଡା ପାନୀୟ ପଏଣ୍ଟ ଅଚଳ ହୋଇପଡ଼ିଛି।ଦୁଇଟି ଥଣ୍ଡା ପାନୀୟ ଜଳ ପଏଣ୍ଟକୁ କାର୍ଯ୍ୟକ୍ଷମ କରିବା ଲାଗି ସ୍ଥାନୀୟ ଜନ ସାଧାରଣ ବାରମ୍ବାର ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ଅନ୍ୟପକ୍ଷରେ ଚଳିତ ଗ୍ରୀଷ୍ମ ଆରମ୍ଭରୁ ଅଞ୍ଚଳରେ ଜଳକଷ୍ଟ ଦେଖାଦେଇଥିବା ବେଳେ ବ୍ଲକ ପ୍ରଶାସନ ତୁରନ୍ତ ଅଚଳ ଥଣ୍ଡା ପାନୀୟ ପଏଣ୍ଟକୁ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ହେଉଛି।

● ବୁର୍ଲା ରକ୍ତଭଣ୍ଡାରରେ ରକ୍ତ ଅଭାବ

## ଜରୁରିକାଳୀନ ରୋଗୀ ହଇରାଣ

ବୁର୍ଲା, ୨୧।୩(ସମିସ):ବୁର୍ଲା ଭିମସାରର ରକ୍ତଭଣ୍ଡାରରେ ୫ଦିନ ହେବ ରକ୍ତର ଘୋର ସଂକଟ ଦେଖାଦେଇଛି। ଭିମସାରରେ କୌଣସି ବର୍ଗର ରକ୍ତ ଉପଲବ୍ଧ ନାହିଁ। ଖରା ଯୋଗୁଁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇପାରୁ ନାହିଁ।ଏନେଇ ରକ୍ତଭଣ୍ଡାର କର୍ତ୍ତୃପକ୍ଷ ଗତ କିଛି ଦିନ ହେବ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିବା ନେଇ ବିଭିନ୍ନ ସାମାଜିକ ତଥା ସ୍ୱେଚ୍ଛାସେବୀ ସଂଗଠନଙ୍କୁ ଶିବିର ଆୟୋଜନ କରିବା ନିମନ୍ତେ ଅନୁରୋଧ କରି ଆସୁଛନ୍ତି।ତେବେ ସମ୍ବଲପୁର ଜିଲ୍ଲାରେ ରକ୍ତଦାନ ଶିବିର ଆୟୋଜନ ହୋଇ ପାରୁନଥିବାରୁ ଏପରିସ୍ଥିତି ଉପୁନ୍ନ ହୋଇଛି।ସୂଚନା ଅନୁସାରେ ଗତ ଭିମସାରରେ ଥାଲେସିମିଆ, ଦୁର୍ଘଟଣା, ପ୍ରସୂତି ମହିଳା, ସିକିଲ ସେଲ ପାଇଁ ପ୍ରତ୍ୟେକ ଦିନ ରୋଗୀଙ୍କୁ ବିନା କୌଣସି ଏକ୍ସଚେଞ୍ଜରେ ରକ୍ତ ପ୍ରଦାନ କରାଯାଇଥାଏ।ତେବେ ଏମାନଙ୍କର ସଂଖ୍ୟା ପ୍ରତିଦିନ ପ୍ରାୟ୨୦ ରହିଥାଏ।ସେହିପରି ପ୍ରତ୍ୟେକ ଦିନ ୧୧୦ରୁ ୧୧୦ୟୁନିଟ୍ ରକ୍ତ ଭିମସାରରେ ଆବଶ୍ୟକ ପଡୁଛି।ସେହିପରି ଘରୋଇ ନର୍ସିଂହୋମ ଗୁଡିକରେ ଭର୍ତ୍ତି ହେଉଥିବା ରୋଗୀ ମଧ ରକ୍ତ ଭଣ୍ଡାରରୁ ରକ୍ତ ନେଇଥାନ୍ତି।ହେଲେ କିଛି ଦିନ ହେବ ଜିଲ୍ଲାରେ ରକ୍ତଦାନ ଶିବିରର ଆୟୋଜନ ହେଉନାହିଁ।ଯାହା ଦ୍ୱାରା ଭିମସାରେ କୌଣସି ଗୋଟିଏ ବର୍ଗ ବା ଗ୍ରୁପର ମଧ ରକ୍ତ ଉପଲବ୍ଧ ନାହିଁ। ଯାହା ଫଳରେ ଭିମସାର ଆସୁଥିବା ରୋଗୀ ଏବେ ରକ୍ତ ସଂକଟ ପାଇଁ ହଇରାଣ ହେଉଛନ୍ତି।ରୋଗୀ ଆସିଲେ ରୋଗୀଙ୍କୁ ସାଙ୍ଗରେ ରକ୍ତଦାତା ମଧ ଯୋଗାଡ଼ କରି ଆଣିବାକୁ ପଡୁଛି।ଏପରି କ୍ଷେତ୍ରରେ ରୋଗୀସେବା ତଥା ଗୁରୁତର ରୋଗୀ ଅନେକ ସମସ୍ୟା ଭୋଗୁଛନ୍ତି।ଫଳରେ ବର୍ତ୍ତମାନ ଦିନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ ନିହାତି ଆବଶ୍ୟକ ହୋଇପଡୁଛି।ବରଗଡ଼ ଜିଲ୍ଲାରୁ ଆସିଥିବା ତୁଲତାନ କାଣ୍ଡୁଲା ୨ଦିନ ହେଲା ରକ୍ତ ଭଣ୍ଡାର ଆସି ଫେରୁଛନ୍ତି।ରକ୍ତ ନମିଳିବାରୁ ହଇରାଣ ହେବା ସହ ରୋଗୀ ଚିକିତ୍ସାରେ ବାଧାପ୍ରାପ୍ତ ହେଉଛି।

## ୪ ମାସ ହେବ ବକ୍ସମା ପିଏନ୍‌ବିରେ ନାହାନ୍ତି ମ୍ୟାନେଜର

କୁଚିଣ୍ଡା, ୨୧।୩(ସମିସ):କୁଚିଣ୍ଡା ନିକଟସ୍ଥ ବକ୍ସମା ଗ୍ରାମର ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ମ୍ୟାନେଜର ୪ ମାସ ହେବ ଛୁଟିରେ। ଶୁଣିବାକୁ ମିଳେ ସେ କୁଆଡେ ଭୁବନେଶ୍ୱରରେ ରାସ୍ତା ଦୁର୍ଘଟଣାରେ ଆହତ ହୋଇଛନ୍ତି।ବର୍ତ୍ତମାନ ଚିକିତ୍ସାଧୀନ ଅବସ୍ଥାରେ ଅନୁପସ୍ଥିତ ଦେଖିବାକୁ ମିଳୁଛି।ଏପରିସ୍ଥଳେ ବ୍ୟାଙ୍କରେ ୩/୪ଜଣ ତଳିଆ କର୍ମଚାରୀ ରହି କେବଳ ବ୍ୟାଙ୍କକୁ ଜଗି ରହି ଯେଣେ ତେଣେ ପ୍ରକାରେ କାମ ଚଳାଉଛନ୍ତି। କିନ୍ତୁ ବ୍ୟାଙ୍କ ମ୍ୟାନେଜରଙ୍କ ଅନୁପସ୍ଥିତିରେ କୌଣସି ଋଣଦେଣ ନେଣରେ ବାଧା ସୃଷ୍ଟି ହେଉଛି।ଅଞ୍ଚଳରେ ଚାଷୀକୂଳ ତଥା ଋଣ ନେବା ଦେବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ବକ୍ସମା ବ୍ୟାଙ୍କକୁ କୁଚିଣ୍ଡା ଶାଖା ଓ ଗୁଣ୍ଡୁରୁଚୁଆଁ ଶାଖାରୁ ଅସ୍ଥାୟୀ କର୍ମଚାରୀଙ୍କୁ ପଠାଯାଇ ବ୍ୟାଙ୍କର ଛୋଟ ଛୋଟ କାମକୁ ଚଳାଇ ନେଉଛନ୍ତି। ସ୍ଥାୟୀ ମ୍ୟାନେଜର ନଥିବାରୁ ବହୁ ବ୍ୟାଙ୍କ ହିତାଧିକାରୀ ଅସୁବିଧା ଭୋଗୁଛନ୍ତି।ତୁରନ୍ତ ବ୍ୟାଙ୍କରେ ନୂତନ ସ୍ଥାୟୀ ମ୍ୟାନେଜର ନିଯୁକ୍ତି କଲେ ଅଞ୍ଚଳବାସୀ ବ୍ୟାଙ୍କରୁ ଦେଣ ନେଣରେ ଅସୁବିଧା ହେବ ନାହିଁ ବୋଲି ଅଞ୍ଚଳବାସୀ ଦାବି କରନ୍ତି।

## ଅଟୋ ଓଲଟି ଶିକ୍ଷୟିତ୍ରୀ ଆହତ

ସମ୍ବଲପୁର, ୨୧।୩(ସମିସ):ବୁଢ଼ାରଜାରୁ ଫାଟକ ପଟକୁ ଏକ ଅଟୋ ଆସୁଥିବା ବେଳେ ସାମ୍ନାରେ ଅପରପାର୍ଶ୍ୱରୁ ଏକ ବାଇକ୍ ଆସିଯିବାରୁ ତାହାକୁ ବଞ୍ଚାଇବାକୁ ଯାଇ ଅଟୋଟି ଓଲଟି ପଡ଼ିଥିଲା। ଅଟୋରେ ଥିବା ଶିକ୍ଷୟିତ୍ରୀ ଇଶ୍ୱରୀରାଣୀ ମିଶ୍ର ଆହତ ହୋଇଥିଲେ। ତାଙ୍କ ମୁହଁରେ ଆଘାତ ଲାଗିଥିଲା। ସ୍ଥାନୀୟ ଅଞ୍ଚଳବାସୀ ଏବଂ ପୁଲିସ ପାଟ୍ରୋଲିଂ ଗାଡ଼ି ପହଞ୍ଚି ଶିକ୍ଷୟିତ୍ରୀ ଶ୍ରୀମତୀ ମିଶ୍ର ଓ ଅଟୋ ଚାଳକ ତ୍ରିନାଥ ସାହୁଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ।

## ଢାବା ପଛପଟୁ ଯୁବକଙ୍କ ମୃତଦେହ ଉଦ୍ଧାର

ଜମନକିରା, ୨୧।୩(ସମିସ): ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ କୁଣ୍ଡେଇସରା ମିଳନ ଢ଼ାବା ପଛପଟୁ ପୁଲିସ ମୃତଦେହ ଉଦ୍ଧାର କରି କୁଚିଣ୍ଡାକୁ ଶବବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପ୍ରକାଶ ଥାଉ କି ଶୁକ୍ରବାର ଢ଼ାବା ପଛପଟେ ମୃତଦେହ ପଡ଼ିଥିବା ପୁଲିସ ଖବର ପାଇ ଘଟଣାସ୍ଥଳକୁ ଆସି ତନାଘନା କରି ଥିଲା। ମୃତକ ବ୍ରଜରାଜନଗର ଇଞ୍ଜିନିୟର କଲୋନୀ ଜିତେନ୍ଦ୍ର କୁମାରଙ୍କ ପୁଅ ରାହୁଲ ଗୌତମ (୩୧) ବୋଲି ଜଣାପଡ଼ିଛି।ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।ଶବକୁ ପରିବାର ଲୋକଙ୍କୁ ପ୍ରଦାନ କରା ଯାଇଛି। ଶବ ଦେହରେ କୌଣସି କ୍ଷତ ଚିହ୍ନ ନ ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଗୌଡ଼ପାଲି ଫାଣ୍ଡି ଅଧିକାରୀ ପ୍ରକାଶ କରିଛନ୍ତି।

## ବେଲପାହାଡ଼ ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ



ଝାରସୁଗୁଡା, ୨୧।୩ (ସମିସ): ବେଲପାହାଡ଼ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଆତ୍ମସୁରକ୍ଷା ତାଲିମ ଶିବିରର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଆଶିଷ ଦାଶ ଯୋଗଦେଇ ଆତ୍ମସୁରକ୍ଷାର ସଫଳ ଦିଗ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଡକ୍ଟର ଦେବକିରାଣୀ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ବିଶୃଙ୍ଖଳିତ ଶିକ୍ଷକଙ୍କ ତୁରନ୍ତ ବଦଳି ଦାବି

# ଗ୍ରାମବାସୀ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ

ଦେବଗଡ଼, ୨୧।୩(ସମିସ):



ଧାର୍ଯ୍ୟ ସମୟଠାରୁ ଢେର ବିଳମ୍ବରେ ବିଦ୍ୟାଳୟକୁ ଆସୁଛନ୍ତି ଶିକ୍ଷକ। କେବଳ ଏତିକି ନୁହେଁ, ପାନ ଓ ଗୁଟଖା ଖାଇ ଶ୍ରେଣୀ କକ୍ଷରେ ଛେପ ପକାଇବା ସହ ପାଠ ପଢ଼ାଇବା ବେଳେ ଛାତ୍ରଛାତ୍ରୀଙ୍କୁ ବାଡିରେ ପିଟୁଛନ୍ତି। ପାଠପଢ଼ା ସମୟରେ ଶ୍ରେଣୀ କୋଠରୀରେ ପାଠ ପଢ଼ାଇବା ବଦଳରେ ମୋବାଇଲ ଦେଖୁଛନ୍ତି। ଏଭଳି ଅଭିଯୋଗ ଆସିଛି ତିଳେଇବଣି ବ୍ଲକ ଅନ୍ତର୍ଗତ ଗୁଣ୍ଡେଇମରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କ ବିରୋଧରେ।ଏଭଳି ବିଶୃଙ୍ଖଳିତ ଆଚରଣ ସତ୍ତ୍ୱେ ସମ୍ପୃକ୍ତ ବିଶୃଙ୍ଖଳିତ ଶିକ୍ଷକ ରଞ୍ଜନ କୁମାର ନାୟକଙ୍କ ବିରୋଧରେ କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।ଫଳରେ ଗ୍ରାମବାସୀ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଦିଲ୍ଲିପ ନାୟକଙ୍କ ନେତୃତ୍ୱରେ ଶୁକ୍ରବାର ଉକ୍ତ ଗ୍ରାମର ବହୁ ଗ୍ରାମବାସୀ, ଅଭିଭାବକ ଓ ପରିଚାଳନା ସମିତି ସଦସ୍ୟ ସଦସ୍ୟା ଦେବଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କୁ ସାକ୍ଷାତ କରିବାସହ ବିଶୃଙ୍ଖଳିତ ଶିକ୍ଷକ ଶ୍ରୀ ନାୟକଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ ଯେ, ବିଦ୍ୟାଳୟରେ ଶିକ୍ଷକ ଶ୍ରୀ ନାୟକଙ୍କ ଏତାଦୃଶ ଆଚରଣ ଜାରୀ ରହିଥିବା ବେଳେ ଏଭଳି ଆଚରଣରୁ କ୍ଷାନ୍ତ ହେବା ନିମନ୍ତେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜିତ କୁମାର ପାତ୍ର ଏକାଧିକ ବାର ଚେତାବନୀ ଦେଇଥିଲେ।ଏହା ସତ୍ତ୍ୱେ ଆଚରଣରେ କୌଣସି ସୁଧାର ନଆସିବାରୁ ପ୍ରଧାନ ଶିକ୍ଷକ ଶ୍ରୀ ପାତ୍ର ଏନେଇ ଗତ ଫେବୃୟାରୀ ୨୧ ତାରିଖ ଦିନ ପତ୍ର ସଂଖ୍ୟା-୬୦୩/ ତା ୨୧.୨.୨୦୨୫ରିଖରେ ଲିଖିତ ଭାବେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଆଧାରରେ ଜିଲା ଶିକ୍ଷା ଅଧିକାରୀ ଅଭିଯୋଗର ତଦନ୍ତ ନିମନ୍ତେ ତିଳେଇବଣି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ଗତ ୫ ତାରିଖ ଦିନ ତିଳେଇବଣି ବ୍ଲକର ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ ଓ ସୁଶାନ୍ତ କୁମାର ସାହୁ, ତିଳେଇବଣି କ୍ଲଷ୍ଟରର ସିଆର୍‌ସିସି ଅଶୋକ କୁମାର ସାହୁ ଓ ସୁଗୁଡା କ୍ଲଷ୍ଟରର ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ବୟାନ ଆଧାରରେ ଘଟଣା ତଦନ୍ତ କରିଥିଲେ। ସେହିପରି ଶିକ୍ଷକ ଶ୍ରୀ ନାୟକଙ୍କ ବିରୋଧରେ ପ୍ରଧାନ ଶିକ୍ଷକ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ସତ୍ୟ ହୋଇଥିବା ତଦନ୍ତରୁ ଜଣାପଡ଼ିଥିବା ଦର୍ଶାଇ ତିଳେଇବଣି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ କୌଣସି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।ଫଳରେ ଗ୍ରାମବାସୀ ବାଧ ହୋଇ ଶୁକ୍ରବାର ପୁଣିଥରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ ହେବାସହ ଶିକ୍ଷକ ଶ୍ରୀ ନାୟକଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବାକୁ ଦାବି କରିଥିଲେ। ଅନ୍ୟଥା ସେମାନେ ପିଲାଙ୍କୁ ଆଉ ବିଦ୍ୟାଳୟକୁ ଛାଡିବେ ନାହିଁ ବୋଲି ମୋଟ ୬୪ ଜଣ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ସେମାନଙ୍କର ଦାବିପତ୍ର ମାଧ୍ୟମରେ ଲିଖିତ ଚେତାବନୀ ଦେଇଥିବା ଜଣାପଡ଼ିଛି।

## ବାଗଡ଼ିହି ବନାଞ୍ଚଳରେ ବିଶ୍ୱ ଜଙ୍ଗଲ ଦିବସ ପାଳିତ

ଝାରସୁଗୁଡା, ୨୧।୩(ସମିସ):ଝାରସୁଗୁଡ଼ା ବନଖଣ୍ଡ ଅନ୍ତର୍ଗତ ବାଗଡ଼ିହି ବନାଞ୍ଚଳ ପକ୍ଷରୁ ବାବୁଛିପିଡ଼ିହି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଜଙ୍ଗଲ ଦିବସ ବାଗଡ଼ିହି ବନାଞ୍ଚଳ ଅଧିକାରିଣୀ ସୁଶ୍ରୀ ବନ୍ଦନା ପସାୟତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।ଚଳିତ ବର୍ଷର ଥିମ 'ଜଙ୍ଗଲ ଏବଂ ଖାଦ୍ୟ' ଉପରେ ବନାଞ୍ଚଳ ଅଧିକାରୀ ଏବଂ ବାବୁଛିପିଡ଼ିହି ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି ପରିପେକ୍ଷିରେକୁଇଜ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜନ କରାଯାଇଥିଲା।ଉକ୍ତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।ପଞ୍ଚାୟତ ହାଇସ୍କୁଲ ବାବୁଛିପିଡ଼ିହିରଶିକ୍ଷକ ଶିକ୍ଷୟିତ୍ରୀ ମଳୟ ବସନ୍ତ ଜୟପୁରୀଆ, ଅକ୍ଷୟ କୁମାର ପୋଢ଼, କଲ୍ୟାଣି ପ୍ରଧାନ, ବିଷ୍ଣୁ ଚରଣ ମହାପାତ୍ର, ରମେଶ ଚନ୍ଦ୍ର ପଟେଲ, ଖୁଲିଆ ଛତ୍ରୀଆ, ପିଅନ ଗୁରୁଚରଣ ଖର୍ସେଲ ଏବଂ ମଣ୍ଟୁ ନାଏକ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ ବାଗଡ଼ିହି ବନାଞ୍ଚଳର ଟିମ ଲିଡ଼ର ଚୁଡାମଣି ବେହେରା, ଡିଓ ଭକ୍ତି ଜେନା, ସତ୍ୟସ୍ମିତା ବେହେରା, ଫରେଷ୍ଟ ଗାର୍ଡ ସତ୍ୟବ୍ରତ ସାହୁ ଏବଂ ରାଜକିଶୋର ପାଣିଗ୍ରାହୀ ସହଯୋଗ କରିଥିଲେ। ବି.ଆର ହାଇସ୍କୁଲରେ ସ୍କାଉଟ୍ ଗାଇଡ ତଥା ଇକୋ କ୍ଲବ୍ ତରଫରୁ ବିଶ୍ୱ ଜଙ୍ଗଲ ଦିବସ ପାଳିତ ହୋଇଯାଇ ଅଛି।ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ପଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ପ୍ରଧାନଶିକ୍ଷୟିତ୍ରୀ ନିରୁପମା ଠାକୁର, ସହକାରୀ ଯୁଗ୍ମ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ବେହେରା, ବରିଷ୍ଠ ଶିକ୍ଷକ ରଘୁନାଥ ନାୟକ ଓ ସୁରେନ୍ଦ୍ର ରାଉତ ତଥା ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷକ ବିଶ୍ୱ ଜଙ୍ଗଲ ଦିବସର ମହତ୍ତ୍ୱ ତଥା ଚଳିତ ବର୍ଷର ଜଙ୍ଗଲ ଦିବସର ବାର୍ତ୍ତା ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ।ସ୍କାଉଟ ଗାଇଡ ଛାତ୍ରଛାତ୍ରୀ ସ୍କାଉଟ ମାଷ୍ଟର ସୁରେନ୍ଦ୍ର ରାଉତ ତଥା ଗାଇଡ କ୍ୟାପଟେନ ସ୍ୱପ୍ନାଞ୍ଜଳୀ ବ୍ରହ୍ମଙ୍କ ତତ୍ତ୍ୱାବଧାନରେ ବଗିଚାର ଗଛ ଗୁଡିକରେ ପାଣିଦେବା ସହ ରକ୍ଷଣାବେକ୍ଷଣ କରିଥିଲେ। ଜଙ୍ଗଲ ସୁରକ୍ଷା ପାଇଁ ଏକ ସଚେତନ ଧର୍ମୀ ପଦଯାତ୍ରା ମଧ କରାଯାଇଥିଲା।ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା

ଦେବଗଡ଼, ୨୧।୩(ସମିସ): ତିଳେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ୨ ଦିନିଅଶିକ୍ଷଣ ସାମଗ୍ରୀ କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି।ଉଦ୍‌ଘାଟନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ଼, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ ଯୋଗଦେଇ ଶିକ୍ଷାଦାନ ସମୟରେ ଶିକ୍ଷଣ ସାମଗ୍ରୀ ବ୍ୟବହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଆୟୋଜିତ କର୍ମଶାଳାରେ ଭାଷା ଓ ଗଣିତ ଭିତ୍ତିକ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ପ୍ରଦର୍ଶନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମଡ଼, ସୁଶାନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସିନ ରହି ଅଂଶଗ୍ରହଣକାରି ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଉଭୟ କାର୍ଯ୍ୟକ୍ରମକୁ ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ସଂଯୋଜନା କରିଥିବା ବେଳେ ପ୍ରଭାଶୁଣି ସିଆରସିସି ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକର ସମସ୍ତ ସିଆରସିସି ସହଯୋଗ କରିଥିଲେ। କର୍ମଶାଳାରେ ମୋଟ ୩୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେଇଥିଲେ।



● ନବ ଦାସ ହତ୍ୟା ମାମାଲା

## ଝାରସୁଗୁଡ଼ା ବିମାନ ବନ୍ଦର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତଦନ୍ତ

**ଝାରସୁଗୁଡ଼ା, ୨୧।୩(ସମିସ):**ନବ ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ଝାରସୁଗୁଡ଼ାରେ ତଦନ୍ତ ଜାରି ରଖିଛି।ଶୁକ୍ରବାର ପୂର୍ବାହ୍ନ ୧୧ ଟା୨୦ରେ କ୍ରାଇମବ୍ରାଞ୍ଚ ଏସ୍‌ପି ତଥା ତଦନ୍ତ ଅଧିକାରୀ ବିଜୟ ମଲ୍ଲିକ ଏବଂ କ୍ରାଇମବ୍ରାଞ୍ଚ ଡିଏସପି ଦୀପ୍ତିମୟୀ ମଲ୍ଲିକଙ୍କୁ ନେଇ ଗଠିତ ଦୁଇଜଣିଆ ଟିମ୍ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପହଞ୍ଚିଥିଲା।ସେଠାରେ ପ୍ରାୟ ୩ ଘଣ୍ଟା ଧରି ବିମାନ ବନ୍ଦରର ନିର୍ଦ୍ଦେଶକ, ଚିଫ୍ ଏୟାରପୋର୍ଟ ସିକ୍ୟୁରିଟି ଅଫିସର ଏବଂ ଟର୍ମିନାଲ ମ୍ୟାନେଜରଙ୍କ୧୬୧ ବୟାନ ରେକର୍ଡ କରିଛି।ଏହା ସହ ନବ ଦାସଙ୍କୁ ଗୁଳିମାଡ଼ ଦିନ ତାଙ୍କୁ ଏୟାରଲିଫ୍ଟ କରିବା ପାଇଁ ଆସିଥିବା ଏୟାର ଆମ୍ବୁଲାନ୍ସର ଲ୍ୟାଣ୍ଡିଂ, ଡିପାରଚୁର ସମୟର ତଥ୍ୟ ନେବା ସହ ସେଦିନ ଉପସ୍ଥିତ ଥିବା କର୍ମଚାରୀଙ୍କୁ ପଚରା ଉଚରା କରିଛି। ଏହାପରେ ଅପରାହ୍ନ ପ୍ରାୟ ୪ ଟାରୁ ୭ଟା ପର୍ଯ୍ୟନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରେଡିଓ ଗ୍ରାଫର ସସ୍ମିତା ବାଗଙ୍କୁ ପଚରା ଉଚୁରା କରାଯାଇଛି।ନବ ଦାସଙ୍କୁ ଗୁଳିମାଡ଼ ହେବା ଦିନ ସସ୍ମିତା ବାଗ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନବ ଦାସଙ୍କ ଇସିଜି କରିଥିଲେ।ତେଣୁ ସସ୍ମିତା ବାଗଙ୍କ ବୟାନ ରେକର୍ଡ କରିଛି କ୍ରାଇମବ୍ରାଞ୍ଚ।

## ପଞ୍ଚାୟତସ୍ତରୀୟ ଏକାଭିମୁଖୀତା ମେଳା

**ଝାରସୁଗୁଡା, ୨୧।୩(ସମିସ):**ଗ୍ରାମ ବିକାଶ ଏବଂ ପଞ୍ଚାୟତ ସମନ୍ୱୟ କମିଟି ପକ୍ଷରୁ ପଞ୍ଚାୟତସ୍ତରୀୟ ଏକାଭିମୁଖିତା ମେଳା ଲଖନପୁର ସଦଗୁରୁ ଆଶ୍ରମ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଲଖନପୁର ସରପଞ୍ଚ ଶ୍ରୀମତୀ ଆରତୀ ପଧାନ ଏବଂ ସମ୍ମାନିତ ଅତିଥି ଭବରେ ଲଖନପୁର ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପାଳକୃଷ୍ଣ ମିଶ୍ର, ଉଠାଜଳ ସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପୂଜା ସାହୁ, ବନରକ୍ଷୀ ସରୋଜ ଖମାରୀ, ବ୍ଲକ ପ୍ରାଣୀ ଚିକିତ୍ସକ ଡ.ମନଭଜନ ତ୍ରିପାଠୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଲକ୍ଷ୍ମୀପ୍ରିୟା ବହିଦାର ଯୋଗ ଦେଇଥିଲେ। ସଭାରେ ଗ୍ରାମ୍ୟ ଦାରିଦ୍ର ଦୂରିକରଣ ଯୋଜନା ଉପରେ ଆଲୋଚନା କରିବା ସହିତ ଲଖନପୁର ପଞ୍ଚାୟତର ଗ୍ରାମମାନଙ୍କ ଠାରୁ ଆସିଥିବା ବିଭିନ୍ନ ଉନ୍ନୟନମୂଳକ ଦାବି ଉପସ୍ଥିତ ଅଧିକାରୀଙ୍କୁ ଜିପିସିସି ସଭାପତି ଈଶ୍ୱର ବନଛୋର ପ୍ରଦାନ କରିଥିଲେ।ନରୋତ୍ତମ ପଧାନ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବରେ ରାଧାକାନ୍ତ ପାଣିଗ୍ରାହୀ ତାଙ୍କର ଅଭିଭାଷଣ ରଖିଥିଲେ।

## ନାମଲେଖା ପାଇଁ ନିମନ୍ତ୍ରଣପତ୍ର ବଣ୍ଟନ

ଝାରସୁଗୁଡା, ୨୧।୩(ସମିସ): ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦ଅନୁଯାଇ ୦୫ ବର୍ଷ ବୟସ ଅଧିକ ପିଲାଙ୍କୁ ଶିଶୁ ବାଟିକାରେ ଓ୦୬ ବର୍ଷ ବୟସ ଅଧିକ ପିଲାଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ତରଫରୁ ଆସନ୍ତା ଅପ୍ରେଲ ୦୨ରୁ ୦୫ ତାରିଖରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମର ରାଜ୍ୟବ୍ୟାପୀ ଆୟୋଜନ କରାଯାଉଛି।ନିର୍ଦ୍ଧାରିତ ବୟସର ସମସ୍ତ ପିଲାମାନଙ୍କ ନାମ ଲେଖା ପାଇଁ ସଚେତନତା ସୃଷ୍ଟି କରିବା ନିମନ୍ତେ ଝାରସୁଗୁଡା ଜିଲ୍ଲା ଶିକ୍ଷାବିଭାଗର ସମସ୍ତ ଅଧିକାରୀ ଘରକୁ ଘର ବୁଲି ଅଭିଭାବକ ଓ ଶିଶୁମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଉଛି।ଏହି ପଦକ୍ଷେପ ଦ୍ୱାରା ବିଦ୍ୟାଳୟ ପରିଚାଳନା କମିଟି, ପିତାମାତା, ଅଭିଭାବକ ଓ ଗୋଷ୍ଠୀ ମଧ୍ୟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାର ବୟସ ସମ୍ବନ୍ଧରେ ସଚେତନତା ସୃଷ୍ଟି କରୁଛି।ଶୁକ୍ରବାର ଦୀନ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ, ଅତିରିକ୍ତ ଜିଲ୍ଲା ଅଧିକାରୀ ପ୍ରଦୀପ୍ତ କୁମାର ସା ଏବଂ ସୁଶାନ୍ତ କୁମାର ଘୁଟା ଜିଲ୍ଲାର ବିଭିନ୍ନ ଘରକୁ ଯାଇ ଅଭିଭାବକ ତଥା ଶିଶୁ ମାନଙ୍କୁ ନିମନ୍ତ୍ରଣପତ୍ର ବଣ୍ଟନ କରିଛନ୍ତି।



# ବନଖଣ୍ଡସ୍ତରୀୟ ବିଶ୍ୱ ବନ ଦିବସ ପାଳିତ

ଦେବଗଡ଼, ୨୧।୩(ସମିସ)



ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବନଖଣ୍ଡସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି।ଫରେଷ୍ଟ ବରାକ ପରିସରରେ ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ସାଂସଦ ପ୍ରତିନିଧି ଅରୁଣ କୁମାର ସାହୁ, ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ, ଅତିରିକ୍ତ ବନ ସଂରକ୍ଷକ ଅରୁଣ କୁମାର ବେହେରା, ଅବୈତନିକ ୱାଇଲଡ଼ ଲାଇଫ ୱାର୍ଡେନ ଲଳିତ ମୋହନ ସାହୁ ଓ ଅତିରିକ୍ତ ବନ ସଂରକ୍ଷକ ସ୍ୱାଧୀନତା ସାହାଣୀ ପ୍ରମୁଖ ମଞ୍ଚାସିନ ରହି ଦିବସ ପାଳନର ଉଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ଦେବଗଡ଼ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ସୁଗୁଡା ପଞ୍ଚାୟତ ସମିତି ସେକେଣ୍ଡାରୀ ସ୍କୁଲ ଓ ଖମାର ରେଞ୍ଜ ଅନ୍ତର୍ଗତ ସହର ଗୁରୁଜାଙ୍ଗ ଗୁରୁ ସୁଲେଇ ସରକାରୀ ଉଚ୍ଚ ସେକେଣ୍ଡାରୀ ସ୍କୁଲ, ପରିବେଶ ସୁରକ୍ଷା ନିମନ୍ତେ ଶ୍ରେଷ୍ଠ ପଞ୍ଚାୟତ ଭାବେ ରିଆମାଳ ରେଞ୍ଜ ଅନ୍ତର୍ଗତ ଗୁଣ୍ଡିଆପାଲି ପଞ୍ଚାୟତ ଓ ପାଲଲହଡା ରେଞ୍ଜ ଅନ୍ତର୍ଗତ ଝାରବେଡା ପଞ୍ଚାୟତ, ଶ୍ରେଷ୍ଠ ବନ ସୁରକ୍ଷା ସମିତି ଭାବେ ଦେବଗଡ଼ ରେଞ୍ଜ ଅନ୍ତର୍ଗତ ଙେଢ଼ାଆକାନି ଭିଏସଏସ, ରିଆମାଳ ରେଞ୍ଜ ଅନ୍ତର୍ଗତ ବଡ଼କଙ୍କରଖୋଳ ଭିଏସଏସ, ବାରକୋଟ ରେଞ୍ଜ ଅନ୍ତର୍ଗତ ଦଣ୍ଡାସିଂହା ଭିଏସଏସ, ଖମାର ରେଞ୍ଜ ଅନ୍ତର୍ଗତ ଶୁକଦେବପୁର ଭିଏସଏସ ଓ ପାଲଲହଡା ରେଞ୍ଜ ଅନ୍ତର୍ଗତ କଦଳୀବାଡ଼ି ଭିଏସଏସ, ଫରେଷ୍ଟ ପ୍ରୋଟେକ୍ସନ ସ୍କ୍ୱାର୍ଡର ଶ୍ରେଷ୍ଠ ସଦସ୍ୟ ଭାବେ ଦେବଗଡ଼ ରେଞ୍ଜର କନ୍ଦର୍ପ କାଲୋ ଓ ବାପୁନ ରଣା, ରିଆମାଳ ରେଞ୍ଜର ପ୍ରମୋଦ କୁମାର ସାହୁ ଓ କମାର ବେହେରା, ବାରକୋଟ ରେଞ୍ଜର ହରି ବାଗ ଓ ବିର୍ସା ଓରାମ, ପାଲଲହଡା ରେଞ୍ଜର ମନୋଜ କରାଇ ଓ ବିକାଶ ପ୍ରଧାନ ଓ ଖମାର ରେଞ୍ଜର ସୁଜିତ ବେହେରା ଓ ଚୈତନ୍ୟ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।ସେହିପରି ଶ୍ରେଷ୍ଠ ବନରକ୍ଷୀ ଭାବେ ଦେବଗଡ଼ ରେଞ୍ଜ ପୋହଳାମରା ବିଟର ସନ୍ଧ୍ୟା ରାଣୀ ରାଉତ ଓ କଳାମାଟି ବିଟ ର ପୁଲିନ ବିହାରୀ ପ୍ରଧାନ, ରିଆମାଳ ରେଞ୍ଜ ଟିଙ୍କବୀର ବିଟ୍‌ର ସିନିସ୍ମିତା ମରାଇ ଓ ନୂଆଡିହ ଉତ୍ତର ବିଟ ଘୃତାଞ୍ଜଳି ସାହୁ, ବାରକୋଟ ରେଞ୍ଜ ବଳମ ବିଟ୍‌ର ସୀମା ପ୍ରଧାନ ଓ ମରାଙ୍ଗ ବିଟର ଭାରତୀ ପ୍ରଧାନ, ପାଲଲହଡା ରେଞ୍ଜ ଈଶ୍ୱରନଗରର ରୋହିତ କୁମାର ସାହୁ ଓ ରୁଗୁଡ଼ିଡିହା ବିଟର ଗୋପାଳ କୃଷ୍ଣ ମହାକୁଳ, ଏବଂ ଖମାର ରେଞ୍ଜ ରୋହିରା ବିଟର ବାହାନ ବେହେରା ଓ ସହରଗୁରୁଜାଙ୍ଗ ବିଟର ବାବୁଲି କିଷାନଙ୍କୁ ଅତିଥିଙ୍କ ଦ୍ୱାରା ମେଡାଲ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ବନପାଳ ଭାବେ ଦେବଗଡ଼ ରେଞ୍ଜ ତିଳେଇବଣି ସେକ୍ସନ ବନପାଳ କାର୍ତ୍ତିକେୟ ପ୍ରଧାନ, ରିଆମାଳ ସେକ୍ସନ ବନପାଳ ବାଣେଶ୍ୱର ପରିଡ଼ା, ଠିଆନାଳ ସେକ୍ସନ ବନପାଳ ଭୀମସେନ ଶତପଥି, ପାଲଲହଡା ରେଞ୍ଜ କନ୍ତଲା ସେକ୍ସନ ବନପାଳ ଗୁଲେଖ ପଟ୍ଟା ଓ ଖମାର ରେଞ୍ଜ ସହରଗୁରୁଜାଙ୍ଗ ସେକ୍ସନ ବନପାଳ ପ୍ରଦୀପ କୁମାର ସାମଲଙ୍କୁ ମଞ୍ଚାସିନ ଅତିଥିଙ୍କ ଦ୍ୱାରା ମେଡାଲ ସହ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦେବଗଡ଼, ରିଆମାଳ, ବାରକୋଟ, ପାଲଲହଡା ଓ ଖମାର ବନ ସୁରକ୍ଷା ସମିତି ଗଜ ସାଥିଙ୍କୁ ସୁରକ୍ଷା ଉପକରଣ ସହ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଇଥିଲା।

